


# ବଜାରରେ ସବୁ ମିଳୁଛି !

ଗତବର୍ଷ ପ୍ରକାଶ ପାଇଥିଲା ମାଇକେଲ୍ ସ୍ୟାଣ୍ଡେଲ୍‌ଙ୍କ (ଏବେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ) ଚର୍ଚ୍ଚିତ ପୁସ୍ତକ 'ହ୍ୱାଟ୍ ମନି କ୍ୟାନ୍ ନଟ୍ ବାଏ: ଦି ମୋରାଲ୍ ଲିମିଟସ୍ ଅଫ୍ ମାର୍କେଟ୍‌ସ୍ ।' ଏଥର ପ୍ରବନ୍ଧ ସେଇ ବହିଟି ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା ବୋଲି ଗ୍ରହଣ କରାଯାଇପାରେ । ପାଠକମାନଙ୍କ ପାଇଁ ସ୍ପଷ୍ଟ କରୁଛି ଯେ ଆଗରୁ ନିଜର ଅନ୍ୟତମ ପ୍ରସିଦ୍ଧ ପୁସ୍ତକ/ବକ୍ତୃତାମାଳା 'ଜଷ୍ଟିସ୍' ପାଇଁ ଢେର୍ ସାବାସି ପାଇଛନ୍ତି ସ୍ୟାଣ୍ଡେଲ୍ ମହାଶୟ । ଏବେ ତ 'ଜଷ୍ଟିସ୍' ହାର୍ଭାର୍ଡର ଏକ ପ୍ରମୁଖ ପାଠ୍ୟକ୍ରମ । ଏଇ ନୂଆ ବହିରେ ସ୍ୟାଣ୍ଡେଲ୍ କହିଛନ୍ତି ଯେ ଆମେ ଏମିତି ଏକ ସମୟକୁ ସାମ୍ନା କରୁଛେ, ଯେଉଁଠି ବଜାର ତାର ଏକାଧିପତ୍ୟ ବିସ୍ତାର କରିସାରିଛି ଏବଂ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେଉଛି । ବିଗତ ତିନି ଦଶନ୍ଧି ଧରି ଏହା ଚାଲିଛି । ବଜାର ଏବଂ ତାର ନିଜସ୍ୱ ବ୍ୟବସାୟିକ ମୂଲ୍ୟବୋଧ ଆମକୁ ଗୋଟାଏ ଅଦ୍ଭୁତ ନିୟନ୍ତ୍ରଣ ଭିତରକୁ ନେବାରେ ସଫଳ ହୋଇଛି ।

କେତୋଟି ଉଦାହରଣ ଦେଇଛନ୍ତି ସ୍ୟାଣ୍ଡେଲ୍ । ସେ ସବୁ ଏମିତି: କେତେକ ଦେଶରେ ବିଚାରାଧୀନ କଏଦୀମାନଙ୍କ ସାଧୀନତା ଅଛି ଯେ ଯଦି ସେମାନେ ଚାହିଁବେ ରାତିକୁ ୯୦ ଡଲାର୍ ଦେଇ ସେଇ ଜେଲ୍ ରେ ଏକ ଅପେକ୍ଷାକୃତ ନିରୋଳା ଏବଂ ସଫାସୁତୁରା ପ୍ରକୋଷ୍ଠରେ ରହିପାରିବେ । ପାଠକେ, ଏ ବ୍ୟବସ୍ଥା ଆମ ଦେଶରେ ନାହିଁ ସତ, କିନ୍ତୁ ସମସ୍ତେ ଜାଣନ୍ତି ଯେ ପଇସା ଦେଇ ନଚେତ୍ ପ୍ରଭାବ ପକେଇ ଆମ ଦେଶରେ ବିଚାରାଧୀନ କିଛି କଏଦୀ କେମିତି ରାଜାଙ୍କ ପରି ଥାଟ୍‌ରେ ରହନ୍ତି ଏବଂ ଜେଲ୍ ଭିତରୁ ନିଜା ସାମ୍ରାଜ୍ୟ ଚଳାନ୍ତି । ଫେରିବା ସ୍ୟାଣ୍ଡେଲ୍‌ଙ୍କ ଉଦାହରଣକୁ । ଭିଡ ରାସ୍ତାରେ ଗାଡି ଚଳେଇବ



ଘର ଭିତରେ ଆକାଶ : ୩୪

ପଇସା ଦେଇ କାର୍ ପୁଲ୍‌ର ବ୍ୟବହାର ଆପଣ କରିପାରିବେ । ସନ୍ତାନ ଜନ୍ମ ଦେବାକୁ ଚାହୁଁଥିବା ମହିଳାମାନେ ଜମାରୁ ବ୍ୟସ୍ତ ହେବା ଦରକାର ନାହିଁ । ମାତୃତ୍ୱର ଆଉଟ୍ ସୋର୍ସିଂ ପୁରୁଣା ହୋଇଗଲାଣି । ଏବେ ପାଶ୍ଚାତ୍ୟରୁ ଏମିତି ମହିଳାଙ୍କ ସୁଅ ଛୁଟୁଛି ଭାରତକୁ । ବାସ୍, ମାତ୍ର ୮,୦୦୦ ଡଲାର୍ ଖର୍ଚ୍ଚ କରନ୍ତୁ । ସରୋଗେଟ୍ ମଦର୍ ବା 'ଗର୍ଭପାଳିନୀ ମାଆ' (ଉଧାର ମା) ଭାରତରେ ଶସ୍ତାଭଡାରେ ମିଳୁଛନ୍ତି । ସ୍ୟାଣ୍ଡେଲ୍ କହିଛନ୍ତି, ମାତୃତ୍ୱର ଆଉଟ୍ ସୋର୍ସିଂ ପାଇଁ ଭାରତଠୁ ସୁବିଧା ଦେଶ ଆଉ ନାହିଁ । ଚମତ୍କାର ! ସ୍ୱାସ୍ଥ୍ୟ କ୍ଷେତ୍ରରେ ଜରୁରୀକାଳୀନ ସ୍ଥିତି ଉପୁଜିଲେ ଯଦି ଡାକ୍ତରଙ୍କ ମୋବାଇଲ୍‌କୁ ଆପଣ ଫୋନ୍ କରିବାକୁ ଚାହାନ୍ତି ଏବଂ ପରାମର୍ଶ ଲୋଡନ୍ତି, ଏ ସୁବିଧା ମିଳିଯିବ । ବର୍ଷକୁ ସେ ବାବଦରେ ଖର୍ଚ୍ଚ ହେବ ଦେଢ ହଜାର ଡଲାର୍ । ଶିକାର ପାଇଁ ଚାରିଆଡେ ମନା । ତେବେ ଦକ୍ଷିଣ ଆଫ୍ରିକାରେ ଗଣ୍ଡା ଶିକାର (ସୀମିତ) କରିବାକୁ ହେଲେ ଦେବାକୁ ପଡିବ ୨୫୦,୦୦୦ ଡଲାର୍ । ଗରାଖ ଏଥିପାଇଁ ଭିଡ କରୁଛନ୍ତି । ଟଙ୍କା ବଡ ନୁହେଁ, ଗୋଟାଏ ବଡ ଜନ୍ତୁକୁ ମାରିବାର ପୈଶାଚିକ ଆନନ୍ଦ ଓ ରୋମାଞ୍ଚ ନିଆରା । କୌଣସି ବ୍ରାଣ୍ଡର ବିଜ୍ଞାପନ ଆପଣଙ୍କ କପାଳରେ ଲେଖାହେବ- ଏଥିପାଇଁ କମ୍ପାନି ୧୦,୦୦୦ ଡଲାର୍ ଆପଣଙ୍କୁ ଦେବାକୁ ପ୍ରସ୍ତୁତ । କୌଣସି କମ୍ପାନି ନୂଆ ଔଷଧ ବଜାରକୁ ଛାଡିବା ଆଗରୁ ଏକାଧିକ ପରୀକ୍ଷା କରିଥାନ୍ତି, ମଣିଷଙ୍କ ଉପରେ । ପାଶ୍ଚାତ୍ୟରେ ଏଥିପାଇଁ ଗୁଡାଏ କଟକଣା ଥିବାରୁ ବହୁରାଷ୍ଟ୍ରୀୟ କଂପାନିମାନେ ଏବେ ଭାରତ ପରି ଗରିବ ଦେଶମୁହାଁ । ଏଠି ମଣିଷ ଜୀବନ ଶସ୍ତା ଏବଂ ପରୀକ୍ଷା ପାଇଁ କମ୍ପାନିମାନଙ୍କର ଖର୍ଚ୍ଚ ତୁଳନାତ୍ମକ ଭାବେ କମ୍ । ୭,୫୦୦ ଡଲାର୍ ଖର୍ଚ୍ଚ କଲେ ଢେର୍ । (ନିକଟରେ ଏ ଲେଖକ ଗୁଜରାଟରେ ଥିବାବେଳେ ଜାଣିବାକୁ ପାଇଥିଲା ଯେ ଅହମଦାବାଦ ସ୍ଲମ୍‌ରେ ମଣିଷ ପରୀକ୍ଷା ବେପାର ଭଲ ଚାଲିଛି) ପଇସା ଖର୍ଚ୍ଚ କରି ଆପଣ ପରିବେଶ ମଧ୍ୟ ପ୍ରଦୂଷିତ କରିପାରିବେ । ସ୍ୟାଣ୍ଡେଲ୍ ଉଲ୍ଲେଖ କରିଛନ୍ତି ଯେ ୟୁରୋପୀୟ ୟୁନିୟନ୍‌ର ସର୍ତ୍ତାବଳୀ ଆଧାରରେ ଏକ ମେଟ୍ରିକ୍ ଟନ୍ କାର୍ବନ୍ ଜନିତ ପ୍ରଦୂଷଣ ପାଇଁ ଗୋଟାଏ କମ୍ପାନିକୁ ୧୮ ଡଲାର୍ ଦେବାକୁ ପଡିବ । କାର୍ବନ ବିକ୍ରି/ଟ୍ରେଡିଂ ଏବେ ଏକ ଲାଭଜନକ ବ୍ୟବସାୟ ।

ପାଠକେ, ସ୍ୟାଣ୍ଡେଲ୍ ମହୋଦୟଙ୍କ ମତ ଯେ ଶୀତଳ ଯୁଦ୍ଧର ଅବସାନ ପରେ ବଜାରର ପ୍ରଭାବ ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଥିଲା । ସାମଗ୍ରୀର ଉତ୍ପାଦନ ଏବଂ ବଣ୍ଟନ ମାମଲାରେ ପୃଥିବୀର ଏତେ ଅଧିକ ଦେଶରେ ବଜାର ବ୍ୟତୀତ ଅନ୍ୟ କୌଣସି ବ୍ୟବସ୍ଥା ଏତେ ଶକ୍ତିଶାଳୀ ହେବାର ନଜିର୍ ନାହିଁ । ମଜା କଥା ହେଉଛି ଯେ ଅନେକ ଏ କଥା ଜାଣନ୍ତି, ମାତ୍ର ବଜାରର ଯନ୍ତା ଭିତରକୁ ଯିବା ବେଳେ ଜମାରୁ ଆପତ୍ତି ଉଠାନ୍ତି ନାହିଁ । ବଜାରର ଆପଣା ମୂଲ୍ୟବୋଧ, ନିଜସ୍ୱ ଭାଷା ଏବଂ ଅଭିଧାନକୁ ବୁଝିବାପାଇଁ ତେଣିକି ଆମକୁ ସମୟ ଲାଗେ ନାହିଁ । ବଜାର ଏମିତି ନିଜର ସାମ୍ରାଜ୍ୟ

ବଢ଼େଇ ଚାଲିଲା ଏବଂ ଏମିତି ଏକ ସମୟରେ ପାଦ ଥାପିଲା ଯେତେବେଳେ ବଜାର ଆମର ଜୀବନସୂଚୀରେ ସର୍ବାଗ୍ରେ ରହିଲା । ୨୦୦୮-୦୯ରେ ଆରମ୍ଭ ହୋଇଥିବା ଭୀଷଣ ମାନ୍ଦା ଅର୍ଥନୈତିକ ଅବସ୍ଥା (ରିସେସନ୍) ଆମ ନିଦ ଭାଙ୍ଗିଦେଲା । ତେବେ ବିଳମ୍ବ ହୋଇ ସାରିଥିଲା ଏବଂ କ୍ରମେ ସାରା ପୃଥିବୀକୁ ଏ ଦଶା ଭୋଗିବାକୁ ପଡିଲା । ଆମେ ଅବଶ୍ୟ ଭାବିବାକୁ ଆରମ୍ଭ କଲୁ, ଆଉ କେତେ ବାଟ ? ବଜାରର ଏ ନିରଙ୍କୁଶ ଆଧିପତ୍ୟ (ବଜାର କାଏମ୍ ହୋ !) ଆଉ କେତେ ଦିନ ? ସବୁ କ୍ରମଶଃ ସ୍ପଷ୍ଟ ହୋଇ ଆସୁଥିଲା । ବଜାର ଏକଦମ୍ ଲଗାମ୍ ଛଡା ହୋଇସାରିଛି । ନୈତିକତା ସହିତ ଦୂର ଦୂରାନ୍ତ ଯାଏ ଯାର ସମ୍ପର୍କ ହିଁ ନାହିଁ । ଆଉ ଏବେ ସମୟ ଆସିଛି ଅଣ୍ଟା ଭିଡିବା ପାଇଁ /ସନ୍ତୁଳନ ଆଣିବା ପାଇଁ । ଉଭୟକୁ ପରସ୍ପର ସହିତ ଯୋଡିବା ପାଇଁ ।

ଆମେ ବୁଝିସାରିଥିଲେ ଯେ ବଜାରକୁ, ଯାର ମୂଳସତ୍ତାକୁ କବ୍‌ଜା କରି ରଖିଛି ପ୍ରଚଣ୍ଡ ଲୋଭ । (ଲାଭ ନୁହେଁ, କାରଣ ବ୍ୟବସାୟର ଉଦ୍ଦେଶ୍ୟ ଲାଭ) ଅର୍ଥାତ୍, ନିଜ ଉପରେ ହିଁ ସବା ଆଗ ନିୟନ୍ତ୍ରଣ ଆଣିବା ପାଇଁ ପଡିବ, ଆମକୁ । ଜୀବନରେ ଅଧିକ ଦାୟିତ୍ୱବୋଧ ଏବଂ ଅଧିକ ସଂଗତିକୁ ଆପଣେଇବାକୁ ପଡିବ । ନାଗରିକ ହିସାବରେ ଏଥିପାଇଁ ଲୋଡାହେବ ତର୍କର, ବିଚାର-ବିମର୍ଶର । ଧୂଆଁରେ ଘୋଡେଇ ହୋଇ ଯାଇଥିବା ପର୍ଦାକୁ ନୂଆ ଦୃଷ୍ଟିରେ ଅନ୍ତତଃ ଦେଖିବାକୁ ପଡିବ । ପ୍ରଚାର/ବିଜ୍ଞାପନ ଏ ସବୁ ଆମକୁ ଠକେଇ ପାରିବେ ନାହିଁ । ଏକ ଉଦାହରଣ ଦେଇ ସ୍ୟାଣ୍ଡେଲ୍ କହିଛନ୍ତି ଯେ କେଇ ବର୍ଷ ଧରି ଖବରକାଗଜ ପୃଷ୍ଠାରେ ଏବଂ ଟି.ଭି.ରେ ଔଷଧ ନିର୍ମାତାମାନେ ଯେଉଁ ବିଜ୍ଞାପନମାନ ଦେଉଛନ୍ତି, ସେସବୁରୁ ଜଣେ ସହଜରେ ଅନୁମାନ କରିପାରିବ ଯେ ପୃଥିବୀରେ ମାଲେରିଆ ପରି ଘାତକ ରୋଗ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠୁ କାହିଁ କେତେଗୁଣ ଘାତକ/ମାରାତ୍ମକ ହେଉଛି ଧ୍ୱଜଭଙ୍ଗ, ସହବାସରେ ଅସାମର୍ଥ୍ୟ-ଯାହା ବିଜ୍ଞାପନ ଅନୁରୂପ ସତ୍ୟ ନୁହେଁ । ସେ ଏକଥା ମଧ୍ୟ କହିଛନ୍ତି ଯେ ସମ୍ବାଦ/ତଥ୍ୟ ଏବଂ ବିଜ୍ଞାପନ ଭିତରେ ପାର୍ଥକ୍ୟ ପ୍ରାୟ ଲୋପପାଇବାକୁ ବସିଛି । ସ୍ୱାସ୍ଥ୍ୟ, ଶିକ୍ଷା, ନିରାପତ୍ତା, ପରିବେଶ ଏବଂ ପ୍ରଜନନକୁ ନେଇ ଏ ଭବ୍ୟ ପ୍ରହସନ ୩୦ ବର୍ଷ ତଳେ ନଥିଲା । ତାଙ୍କ ମତରେ ଏହାର ଦୁଇଟି କାରଣ ଅଛି । (୧) ଭୟଙ୍କର ଅସମାନତା/ବୈଷମ୍ୟ ଯାହା ପ୍ରକୃତରେ ଦାରିଦ୍ର୍ୟଠୁ ଅଧିକ ଯନ୍ତ୍ରଣାଦାୟକ । ଯଦି ଆପଣଙ୍କ ପାଖରେ ପଇସା ଅଛି । ତେବେ ସୌଖୀନ କାର୍, ବିଳାସପୂର୍ଣ୍ଣ ହୋଟେଲ୍/ରିସୋର୍ଟରେ ରହଣି, ଅଭିଜାତ ପୋତରେ ଘରୋଇ ଜଳଯାତ୍ରା-ଏସବୁ ଅକ୍ଳେଶରେ କରିହେବ । ଅତୀତରେ ଏସବୁ ମଧ୍ୟ ଥିଲା । ତେବେ ସଂପଦ/ସାମଗ୍ରୀ ବଣ୍ଟନର ଏତେ ଉଗ୍ର ଧ୍ରୁବୀକରଣ ଦେଖାଯାଉନଥିଲା । (୨) ଦ୍ୱିତୀୟ କାରଣ ହେଉଛି, ବଜାରର ଚରିତ୍ର ସ୍ଖଳନ/ଚାରିତ୍ରିକ ଦୁର୍ନୀତି । ସ୍ୟାଣ୍ଡେଲ୍‌ଙ୍କ ମତରେ ଦୁର୍ନୀତି କହିଲେ କେବଳ ଲାଞ୍ଚ/କିକ୍‌ବ୍ୟାକ୍‌କୁ ସୀମିତ ଅର୍ଥରେ ବୁଝାଏ ନାହିଁ । ନିର୍ଦ୍ଦିଷ୍ଟ ଏକ ସାମାଜିକ

ବ୍ୟବସ୍ଥାର ଅବମୂଲ୍ୟାୟନ ଦୁର୍ନୀତିର ଚରମ ଉଦାହରଣ । ଜଣଙ୍କର ଯୋଗ୍ୟତା ଅଛି କିନ୍ତୁ ଡୋନେସନ୍ ଦେବାର ସାମର୍ଥ୍ୟ ନ ଥିବାରୁ ସେ ପଢିବାକୁ ଚାହୁଁଥିବା ଅନୁଷ୍ଠାନରେ ଭର୍ତ୍ତି ହୋଇପାରୁନାହିଁ।


ସଂସାରର ସବୁ ଭଲ ଜିନିଷ ପଣ୍ୟ ହୋଇ ବଜାରକୁ ଆସିବ, ବିକ୍ରି ହେବ ଏବଂ ସେସବୁକୁ ହାସଲ କରିବା ପାଇଁ କେବଳ ପଇସା ହିଁ ମାଧ୍ୟମ ହେବ- ଏହାଠୁ ଦୁଃଖଦ ଆଉ କ'ଣ ଥାଇପାରେ ! ସ୍କୁଲରେ ପିଲାଏ ଅଧିକ ବହି ପଢିଲେ ଆପଣ ପ୍ରୋତ୍ସାହନ ପାଇଁ ସେମାନଙ୍କୁ ପଇସା ଦେବେ, ହୁଏତ ଗୋଟାଏ ସ୍ତର ପର୍ଯ୍ୟନ୍ତ ଏଇଟା କାମ କରିପାରେ, ତେବେ ଏମିତି କାର୍ଯ୍ୟକ୍ରମ ଅବ୍ୟାହତ ରହିଲେ ପିଲାଏ ମୋଟେ ଜାଣିପାରିବେନି ଯେ ଟଙ୍କା ପଇସା ପ୍ରୋତ୍ସାହନ ବାଦ୍ ବହି ପଢାର ଅବଦାନ ଜୀବନରେ କାହିଁ କେତେ ଅମୂଲ୍ୟ ! ବ୍ୟକ୍ତି ଠାରୁ ଅନୁଷ୍ଠାନର ସଂକ୍ରମଣ ଅଧିକ ମାରାତ୍ମକ । ନିଜ ଦେଶବାସୀଙ୍କ ବଳିଦାନ ଆପଣ ଚାହାନ୍ତି ନାହିଁ। ଯୁଦ୍ଧ କିନ୍ତୁ ଲଢିବା ପାଇଁ ପଡିବ । ବାସ୍, ଯୁଦ୍ଧ ପାଇଁ ଆପଣ ଭଡାରେ ସୈନ୍ୟ ବାହିନୀ ଯୋଗାଡ କଲେ । ଦେଶବାସୀ ସୁରକ୍ଷିତ ରହିପାରନ୍ତି ସତ, କିନ୍ତୁ ସେ ଦେଶର ଦେଶପ୍ରେମ କଣ ଦୁର୍ନୀତିଗ୍ରସ୍ତ ହେବ ନାହିଁ ? ଭଡାରେ କଣ ଦେଶପ୍ରେମ ଚାଲିବ ?

ସ୍ୟାଣ୍ଡେଲ୍ ଏକଥା ମଧ୍ୟ କହିଛନ୍ତି- ଯେଉଁମାନେ ଭାବନ୍ତି ଯେ ବଜାର ନିଜେ ନିଷ୍କ୍ରିୟ, ତାର ନିଜର ଆତ୍ମା ନାହିଁ, ଏହାକୁ ସତ୍ୟ ବୋଲି ସ୍ୱୀକାର କରି ହେବ ନାହିଁ। ହଁ, ପଣ୍ୟ ହୁଏତ ଜଡ ହୋଇପାରେ, ନିର୍ଜୀବ ହୋଇପାରେ, କିନ୍ତୁ ପରସ୍ତ ପରସ୍ତ ପ୍ରୁଟ ମାଖି ତା ଉପରେ ଯେଉଁ ସୈତାନ ସବାର ହୋଇଛି, ତାର ପ୍ରଭାବ ସୁଦୂରପ୍ରସାରୀ । ପୁଣି ଖୋଦ୍ ମଣିଷ ଯେତେବେଳେ ପଣ୍ୟ ହୋଇ ବଜାରରେ ଠିଆ ହୋଇଛି, ସାରା ସଂସାରରେ ମାନବିକ ମୂଲ୍ୟବୋଧର ସାମଗ୍ରୀକରଣ ଚୂଡାନ୍ତ ହୋଇସାରିଛି ବୋଲି ଧରି ନେବାକୁ ହେବ । ଅତୀତରେ କ୍ରୀତଦାସ ବଜାରରେ ବିକାକିଣା ହେଉଥିଲେ । ଅବିକଳ ସେମିତି ନହେଲେ ହେଁ ପାଖାପାଖି ସମାନ ବିଷଚକ୍ର ଆଜି ବି ଆମକୁ ବିଷାକ୍ତ କରୁଛି, ଅର୍ଥାତ୍, ମଣିଷର ଅବମୂଲ୍ୟାୟନ ଅପରିବର୍ତ୍ତିତ ରହିଛି। ଯାର ଅର୍ଥ ନୁହେଁ ବଜାର ଏକଦମ୍ ଅପସରି ଯିବ, କାରଣ ସଭ୍ୟତା ଏବଂ ସଂପର୍କର ବିକାଶରେ ବଜାରର ଅଛି ଐତିହାସିକ ଭୂମିକା । ତେବେ ସମୟ ଆସିଛି, ଆମକୁ ନିଷ୍ପତ୍ତି ନେବା ପାଇଁ ପଡିବ- ଆମେ ପ୍ରକୃତରେ କଣ ଚାହୁଁଛୁ ? ବର୍ତ୍ତମାନର ବଜାରଭିତ୍ତିକ ଅର୍ଥନୀତି ନା ଏମିତି ଏକ ସମାଜ ଯେଉଁଠି ବଜାର ହୁଏତ ସୁସ୍ଥ ଥିବ, କିନ୍ତୁ ବିଧାତା ହୋଇ ନଥିବ। ଜୀବନର ମଙ୍ଗ ଧରୁନଥିବ। ଆମକୁ ସ୍ଥିର କରିବା ପାଇଁ ପଡିବ, ବଜାରରେ କଣ ବିକ୍ରି ହେବ, କଣ ନ ହେବ। କଖାରୁ ନା କିଡ୍‌ନୀ, ସ୍କୁଲ କଲେଜରେ ୟୁନିଫର୍ମ ନା ଖୋଲାବଜାରରେ ସିଟ୍‌ର ନିଲାମ । ବଜାର ଏବଂ ଅଣବଜାର ମୂଲ୍ୟବୋଧ ଗୁଡାକୁ ଅଲଗା ଧାଡିରେ ସଜାଡି ରଖିବା ପାଇଁ ପଡିବ,

ଆମକୁ । ପଇସାର ରାଜ୍ ସବୁଠି ଚଳିବ ନାହିଁ । ତେବେ ନିରାଟ ସତ ହେଉଛି ଯେ ଆମ ପାଖରେ ବିକ୍ରି ହେବାକୁ ନଥିବା ଦ୍ରବ୍ୟ ଖୁବ୍ କମ୍ ବାକି ଅଛି । ସେତକ ଉପରେ 'ଫର୍ ସେଲ୍' ଷ୍ଟିକର ଲଗାଯିବା ଆଗରୁ ବଜାର ଏବଂ ନୈତିକତାର ବିତର୍କକୁ ରାଜରାସ୍ତାକୁ ଆଣିବା ପାଇଁ ପଡିବ ।

କେଇଦିନ ତଳେ ଜଣେ ବନ୍ଧୁ ଏସ୍ଏମ୍ଏସ୍ ପଠାଇଥିଲେ । ଆପଣ ଜାଣନ୍ତି ଯେ ଏସ୍ଏମ୍ଏସ୍ର ମୂଳ ଉତ୍ସ ସାଇବର୍ ଜଗତରେ ତଲାସ କରିବା କାଠିକର ପାଠ । ତାହା ଥିଲା ଏମିତି । ଅନ୍ୟ କେଉଁଠି ଘଟୁଥାଉ ବା ନଥାଉ ଭାରତର ନବ୍ୟ-ଉଦାର, ଅଗ୍ରଣୀ ଅର୍ଥନୀତି ମଣିଷ ଜାତିର ଇତିହାସରେ ଏକ ବିରଳ ରେକର୍ଡ ସ୍ଥାପନ କରିଛି । ପ୍ରଥମଥର ପାଇଁ ଭାରତରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ (ଆବଶ୍ୟକତା), ଆରାମ ଏବଂ ବିଳାସର ମୂଲ୍ୟ ସମାନ ସ୍ଥିତିରେ ପହଞ୍ଚିଛି । ଅର୍ଥନୀତି/ଶାସନତନ୍ତ୍ର ବଜାର ଉପରୁ ନିୟନ୍ତ୍ରଣ ସଂପୂର୍ଣ୍ଣ ହରେଇ ସାରିବା ପରେ ଏବେ ଏକ କିଲୋଗ୍ରାମ ପିଆଜ, ଏକ ଲିଟର ପେଟ୍ରୋଲ୍ ଏବଂ ଏକ ବୋତଲ ବିୟରର ମୂଲ୍ୟ ସମାନ-ଟ.୭୫/- । ମୁଁ ଉତ୍ତର ଦେଇଥିଲି ଯେ ନିକଟରେ ପ୍ରକାଶିତ ଆମ ଅଜବ ଅନ୍ତର୍ଭୁକ୍ତି ଅର୍ଥନୀତିର ଅଙ୍କକଷା ଅନୁଯାୟୀ ଯଦି ଗ୍ରାମାଞ୍ଚଳରେ ଜଣଙ୍କ ମୁଣ୍ଡପିଛା (ଦୈନିକ) ଖର୍ଚ୍ଚ ଟ.୨୭.୨୦, ତେବେ ସେ କୌଣସି ମତେ ଦରିଦ୍ର ହୋଇନପାରେ । ପିଆଜଠୁ ମଣିଷ ଜୀବନର ଭାଉ ତ ଆହୁରି କମ୍ ! ତେବେ ବଜାରରେ ତ ସବୁ ମିଳୁଛି ! ✱

(ସମ୍ବାଦ, ସେପ୍ଟେମ୍ବର ୧୧, ୨୦୧୩)




ଦେଶମାନଙ୍କରେ ୫୫ଟି ସହରରେ ପ୍ରତିଦିନ ବି.ଆର୍.ଟି.ଏସ୍. ସେବାର ଉପଯୋଗ କରୁଛନ୍ତି ୧୮.୩୩ ନିୟୁତ ଯାତ୍ରୀ । ଏସିଆ ମହାଦେଶରେ ୩୩ଟି ସହରରେ ଯାର ସୁଯୋଗ ନେଉଛନ୍ତି ୮ ନିୟୁତ ଲୋକେ । ଏବେ ସୁରତ, ହାଇଦ୍ରାବାଦ, ବିଶାଖାପାଟନା, ବରୋଦା ଏବଂ ଭୋପାଳରେ ବି.ଆର୍.ଟି.ଏସ୍. କାମ ହାତକୁ ନିଆଯାଇଛି । ଆମ ଭୁବନେଶ୍ୱର ବି ଏ ଦୌଡରେ ପଛରେ ନାହିଁ, ଏହା ସୁଖବର । ତେବେ ଆମ ରାସ୍ତାରେ ବି.ଆର୍.ଟି.ଏସ୍. ବସ୍ ଗଡିବା ଆଗରୁ ଅବରୋଧ ହଟେଇବାକୁ ପଡିବ, ଫୁଟ୍ ପାଥ୍/ ସାଇକେଲ୍ ପାଥ୍ ତିଆରି କରିବାକୁ ପଡିବ ଏବଂ ସବୁଠୁ ବଡ କଥା, ଯୋଜନାକୁ ଠିକ୍ ବାଟରେ ଏବଂ ଠିକ୍ ସମୟରେ ଆଗେଇ ନେବାକୁ ହେବ । ଉତ୍ସାହଜନକ ଅଗ୍ରଗତି ସତ୍ତ୍ୱେ ବି ଅହମଦାବାଦ ବି.ଆର୍.ଟି.ଏସ୍. (ଜନମାର୍ଗ) ଦୈନିକ କ୍ଷତି ଅନ୍ୟୂନ ୧ କୋଟି ଟଙ୍କା । ଯାର ଅଧା କ୍ଷତି ସହିବାର ସାମର୍ଥ୍ୟ ଆମର ନାହିଁ । ତଥାପି ଭୁବନେଶ୍ୱର ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍ (ବସ୍ ରାପିଡ୍ ଟ୍ରାଞ୍ଜିଟ୍ ପରିବର୍ତ୍ତେ) ସଫଳ ହେବ ବୋଲି ଆଶା କରାଯାଉ । *

(ସମ୍ବାଦ, ଅକ୍ଟୋବର ୨୩, ୨୦୧୩)

# ଚାଉଳଧୁଆ ନଈ, ପଦ୍ମାବତୀର ଗାଁ

ତା.୧/୪/୨୦୧୩। ଉତ୍କଳ ଦିବସ। ଗାଁ: ଦେଶୁଘାଟୀ। ବ୍ଲକ୍: ତୁମୁଡିବନ୍ଧ। ଜିଲ୍ଲା: କନ୍ଧମାଳ। ଦିନ:୧୧ ଟା। ପିପଡାବାଲି ପାହାଡ ତଳର ଏଇ ଛୋଟ ଗାଁରେ ଆମେ ପହଞ୍ଚିବା ବେଳକୁ ଅସ୍ୱାଭାବିକ ଭାବେ ଖାଁ ଖାଁ ଲାଗୁଥିଲା। ଝିରିପାଣିକୁ ଯାଇଥିବା ମୁଖ୍ୟ ରାସ୍ତାଠୁ ମାତ୍ର ଦେଢ଼ ଶହ ମିଟର ଦୂରରେ ଦେଶୁଘାଟୀ। ଗାଁ ଦାଣ୍ଡର ଦି' ପାଖରେ ଦି' ଧାଡି ଘର। ସବୁ 'ମୋ କୁଡିଆ' ଯୋଜନାରେ ତିଆରି। ଇଟାକାନ୍ଥରେ ମାଟି ନେସା ହୋଇଛି। ଖପର ଛାତ। ଘର ଆଗକୁ ଛୋଟ ବାରଣ୍ଡା। ଖପର ଉପରେ ପ୍ରାୟ ଦୁଇ ଇଞ୍ଚର ସିମେଣ୍ଟ ପଲସ୍ତରା। ଛାତରେ ଗ୍ଲେଜ୍ଡ୍ ଟାଇଲ୍‌ର ଟୁକୁଡା ଖଞ୍ଜାଯାଇ ମୋଜାଇକ୍ ପରି ଦିଶୁଛି। ଘର ଭିତରେ ବେଶ୍ ଥଣ୍ଡା। ଗାଁ ମଝିରେ ମହୁଲ ଶୁଖୁଛି। ତା' ମିଠା ବାସ୍ନା ଖେଳେଇ ହୋଇ ପଡୁଛି ତମାମ ଗାଁ। ମାତ୍ର ୪/୫ ଜଣ ବୟସ୍କ, ଅଳ୍ପ କିଛି କୁନି କୁନି ପିଲା ଏବଂ ସେମାନଙ୍କଠୁ ସାନ କେତୋଟି ଛେଳି ଛୁଆଙ୍କୁ ବାଦ୍ ଦେଲେ ସମୁଦାୟ ଗାଁ ଶୁନ୍‌ଶାନ୍ ଲାଗୁଥିଲା। ସଂଯୋଗକୁ ଉପସ୍ଥିତ ଥିଲେ ଗାଁ ମୁଖିଆ ଗଙ୍ଗାଧର ଜାନୀ। ତାଙ୍କୁ ପଚାରି ବୁଝିଲୁ ଯେ ଦେଶୁଘାଟୀର ପିଲାବୁଢା ସମସ୍ତେ ସକାଳୁ ସକାଳୁ ଯାଇଛନ୍ତି ରଙ୍ଗାପାରୁ, (ମୁଖିଆ ପରେ ଯିବେ) ପଦ୍ମାବତୀର ବାହାଘର ଭୋଜି ଖାଇ। ପଦ୍ମାବତୀ ସେଇ ଗାଁର ଝିଅ। ନିକଟରେ ବେଲଘର ହାଟରେ ପଦ୍ମାବତୀକୁ ପସନ୍ଦ କରିଥିଲା ରଙ୍ଗାପାରୁର ଜଣେ ଯୁବକ। ଆଦିବାସୀ ସମାଜରେ ପ୍ରଚଳିତ 'ଝିକା' ପ୍ରଥାରେ ପରିବର୍ତ୍ତନ ଏବକୁ ଅବଶ୍ୟ ଆସିଯାଇଛି। କାରଣ ପଦ୍ମାବତୀକୁ ନେଇ ନ ଯାଇ ଯୁବକର ଘରୁ ବିବାହ ପ୍ରସ୍ତାବ ଆସିଥିଲା ଦେଶୁଘାଟୀ। ଉଭୟପକ୍ଷ ଏହାକୁ ସ୍ୱୀକୃତି ଦେଇଥିଲେ।



ମହୁଲ ଖଳାଠୁ ମାତ୍ର କେଇ ହାତ ଦୂରରେ ଲିପାପୋଛା ହୋଇଥିବା ଏକ ପରିଷ୍କାର ଜାଗାରେ ଥିବା ଖଣ୍ଡେ ପଥର । ତା'ଠୁ ଅଳ୍ପ ଦୂରରେ କାଠର ମସ୍ତବଡ ଅର୍ଗଳି । ପଥର ପାଖରେ ଆମେ ଅଟକିବା ପରେ ମୁଖିଆ କହିଲେ, 'ମାଟି ମା ଆଜ୍ଞା । ଆମେ ପୂଜା କରୁ' । ଆଉ ଏ ପ୍ରକାଣ୍ଡ ଅର୍ଗଳି ? ଆମେ ପଚାରିଲୁ । 'ବର୍ଷରେ ଥରେ ଏଠି ପୋଢ ବଳି ପଡେ । ଚୈତ୍ର ମାସରେ' । ଉତ୍ତର ଦେଲେ ମୁଖିଆ । ଆଉ ଟିକେ ଆଗକୁ ଆମେ ଚାଲିଲୁ । ସମସ୍ତଙ୍କ ବାରଣ୍ଡାରେ ସିଏଫ୍ଏଲ୍ ଲାଇଟ୍ ଲାଗିଥିଲା । କାନ୍ଥରେ ସୁଇଚ୍ । ଦେଶୁଘାଟୀକୁ ବିଜୁଳି ଆଲୁଅ ଆସିନଥିଲା । ଆଖପାଖରେ ସୋଲାର୍ ପ୍ୟାନେଲ୍ ବି କାହିଁ ଆଖିରେ ପଡୁ ନଥିଲା । କୌତୁହଳୀ ହୋଇ ମୁଁ ଜଣଙ୍କ ବାରଣ୍ଡାକୁ ଉଠି ସୁଇଚ୍ ଟିପିଲି । ନାଁ, ଜଳୁନି । ମୁଖିଆ କହିଲେ, ଆଜ୍ଞା ସଂଧ୍ୟା ୬ଟାରୁ ରାତି ୧୦ଟା, ନହେଲେ ଅତିବେଶୀରେ ସାଢେ ଦଶଟା । ତାପରେ ବିଜୁଳି ବନ୍ଦ । ଦେଶୁଘାଟୀ ଅଞ୍ଚଳରେ ଏକ ସେଚ୍ଛାସେବୀ ଅନୁଷ୍ଠାନ (ସେବା ଭାରତୀ) ପ୍ରଚେଷ୍ଟାରେ ୩/୪ ବର୍ଷ ଆଗରୁ ଏକ ମିନି ହାଇଡେଲ୍ ପ୍ରୋଜେକ୍ଟ ଚାଲୁ ରହିଛି ବୋଲି ଶୁଣିଥିଲି ।

ଏବେ ଜାଣିଲୁ ଯେ ସେଇ ପ୍ରକଳ୍ପ ଥିଲା ଆମଠୁ ମାତ୍ର ଶହେ ମିଟର ଦୂରରେ । ଗାଁ ମୁଣ୍ଡରୁ ୫୦/୬୦ ଫୁଟ ତଳକୁ ଓହ୍ଲାଇବାପରେ ଆଖିରେ ପଡିଲା ପାହାଡରୁ ଲମ୍ବିଥିବା ମୋଟା ପିଭିସି ପାଇପ୍ ଏବଂ ପ୍ରାୟ ୧୨୦/୧୩୦ ବର୍ଗ ଫୁଟର ପକ୍କା ଘର । ଏଇ ଘରଟି ହିଁ ଥିଲା ମେସିନ୍ ରୁମ୍ । ଆଉ କେଇ ଫୁଟ ତଳକୁ ଓହ୍ଲେଇ ଆମେ ମେସିନ୍ ରୁମ୍‌ର ଝରକା ପାଖକୁ ଆସିଲୁ । ପାହାଡ ଉପରୁ ଲମ୍ବିଥିବା ପାଇପ୍‌ର ଶେଷମୁଣ୍ଡ ତଳେ ଥିଲା ଟର୍ବାଇନ୍ । ମେସିନ୍ ରୁମ୍ ର ଅନ୍ୟାନ୍ୟ ଯନ୍ତ୍ରାଂଶ ଭିତରେ ଉଲ୍ଲେଖନୀୟ ଥିଲା ଏକ ଭୋଲ୍‌ଟେଜ୍ ରେଗୁଲେଟର ଯାହା ମାଧ୍ୟମରେ ଟର୍ବାଇନ୍‌ରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତି ନିୟନ୍ତ୍ରିତ ହୋଇ କେବୁଲ୍ (ମାଟିତଳ) ଦ୍ୱାରା ଯୋଗାଇ ଦିଆଯାଇଥିଲା ଗାଁକୁ । ପାଇପ୍‌ରେ ଆସୁଥିବା ଉଦ୍‌ବୃତ୍ତ ଜଳ ମେସିନ୍ ରୁମ୍ ବାହାରେ ପଡୁଥିଲା କଂକ୍ରିଟ୍‌ର ନାଳକୁ ଯାହା ଟର୍ବାଇନ୍‌ରୁ ନିଷ୍କାସିତ ପାଣି ସହ ତଳକୁ ଯାଉଥିଲା । ସନ୍ଧ୍ୟା ୬ ରୁ ରାତି ୧୦ ପର୍ଯ୍ୟନ୍ତ, ପ୍ରାୟ ବର୍ଷ ସାରା ଚାଲୁଥିଲା ଏଇ କୁନି ଜଳ ବିଦ୍ୟୁତ୍ ପ୍ରକଳ୍ପ । କମ୍ ଖର୍ଚ୍ଚରେ ବିଜ୍ଞାନର ବ୍ୟାବହାରିକ ପ୍ରୟୋଗର ଚମତ୍କାର ନମୁନା । ମେସିନ୍ ଚଳେଇବା ପାଇଁ ଉଦ୍ଦିଷ୍ଟ ତାଲିମପ୍ରାପ୍ତ କେହି ଦରକାର ପଡୁନଥିଲା । ଗାଁର ଅଧାରୁ ଅଧିକ ଏ କାମ ଅକ୍ଳେଶରେ କରି ପାରୁଥିଲେ । ଟର୍ବାଇନ୍‌ର ଠିକ ଉପରେ ପାଇପ୍‌ରେ ଲାଗିଥିବା ପାଣିଚାବି ଖୋଲିଲେ ମେସିନ୍ ଷ୍ଟାର୍ଟ ହେଉଥିଲା । ପାଖାପାଖି ୮ କିଲୋ ୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେଉଥିଲା ଏଇ ପ୍ରକ୍ରିୟାରେ । ହେଲେ ଗାଁରେ ଆବଶ୍ୟକ ହେଉଥିଲା ଅତିବେଶୀରେ ଚାରି କିଲୋୱାଟ୍ । ମେସିନ୍ ରୁମ୍ ଝରକା ଦେଇ ପାହାଡ ଉପରକୁ ଚାହିଁଲି । ଗଛଲତା ଆଢୁଆଳରେ ପାଣି ପାଇପ୍ ଅଧିକ ଦୂର ଯାଏଁ ଦେଖାଯାଉ ନଥିଲା । ମୁଖିଆ କହିଲେ ସେଇଠୁ ୬୦/୭୦ ଫୁଟ ଉଚ୍ଚତାରେ

ତିଆରି ହୋଇଛି ଏକ ବଡ କଂକ୍ରିଟ୍ କୁଣ୍ଡ ଯାହାର ଜଳଧାରଣ କ୍ଷମତା ୯୦,୦୦୦ ଘନଫୁଟ । କଂକ୍ରିଟ୍ କୁଣ୍ଡକୁ ପାଣି ଆସେ ପିପଡାବାଲି ପାହାଡ ଉପରୁ ଆଉ ଏକ ପାଇପ୍ ଯୋଗେ । ଚିରସ୍ରୋତା ଯେଉଁ ଝରଣା ପ୍ରକଳ୍ପ ପାଇଁ ପାଣିର ମୂଳ ଉତ୍ସ, ତା ନାଁ ସାବିଦଉଣି । କଂକ୍ରିଟ୍ କୁଣ୍ଡରେ ନିର୍ଦ୍ଦିଷ୍ଟ ପରିମାଣର ପାଣି ଥିବା ଯାଏଁ ବିଦ୍ୟୁତ୍ ଉତ୍ପାଦନ ଅବ୍ୟାହତ ରହୁଥିଲା । ଅବଧି ୪ରୁ ସାଢେ ଚାରି ଘଣ୍ଟା । ମୁଖିଆ ଆମକୁ ଏକଥା ବି ପ୍ରସଙ୍ଗ କ୍ରମେ କହିଲେ ଯେ ପ୍ରକଳ୍ପଟି ହାତକୁ ନେବା ବେଳେ ଦେଶୁଘାଟୀ ସମେତ ୩ ଖଣ୍ଡ ଗାଁରେ ସଭା ହୋଇଥିଲା । ନିଷ୍ପତ୍ତି ନିଆଯାଇଥିଲା ଯେ ତିନିଟି ଗାଁର ଲୋକେ ପ୍ରକଳ୍ପ ପାଇଁ ସ୍ୱେଚ୍ଛାକୃତ ଶ୍ରମଦାନ କରିବେ । ତେବେ ଅସଲରେ କାମ କରିଥିଲେ କେବଳ ଦେଶୁଘାଟୀ ବାସିନ୍ଦା ।

ମୁଣ୍ଡାଟି ଏବଂ ସିକୋଟି ଗାଁ ତେଣୁ ବର୍ତ୍ତମାନ ପାଇଁ ବାଦ୍ ପଡିଛନ୍ତି ବିଦ୍ୟୁତ୍ ସଂଯୋଗରୁ । ଆମେ ଜାଣିଲୁ ଯେ ବଳକା ବିଦ୍ୟୁତ୍‌ର ଉପଯୋଗ ଠିକ୍ ହୋଇ ପାରୁନଥିଲା । ବିଦ୍ୟୁତ୍ ସରବରାହରେ ନିୟନ୍ତ୍ରଣ ଆଣିବା ପାଇଁ କେବଳ ୱାଟର୍ ହିଟର୍‌ରେ ଯାହା ପାଣି ଗରମ କରାଯାଉଥିଲା । ଉଦ୍‌ବୃତ୍ତ ଜଳ ବି ନଷ୍ଟ ହେଉଥିଲା, କାରଣ ଅଧିକାଂଶ ଚାଷ ଜମି ଉଚ୍ଚରେ ଏବଂ ଦୂରରେ ଥିଲା । ବିଧିବଦ୍ଧ ଜଳସେଚନ ପାଇଁ ପାଣି ଉପରକୁ ଉଠାଇବା ଆବଶ୍ୟକ ପଡୁଥିଲା । ସେଥିପାଇଁ ସମ୍ପ୍ ନଥିଲା, ପମ୍ପ୍ ନଥିଲା କି ଚାନେଲ୍ ନଥିଲା । ଦେଶୁଘାଟୀ ବାସିନ୍ଦାଙ୍କ ଆଶା କିନ୍ତୁ ଅମ୍ଳାନ ଥିଲା । ମୁଖିଆ କହିଲେ, କେବଳ ବିଦ୍ୟୁତ୍ ନୁହେଁ, ଏଇ ପ୍ରକଳ୍ପ ଯୋଗୁଁ ବର୍ଷ ସାରା ସେମାନଙ୍କୁ ପିଇବା ପାଇଁ ପାଣି ମିଳୁଛି ଏବଂ ପନିପରିବା ଚାଷ ଭଲ ହେଉଛି । ଗାଁ ମୁଣ୍ଡରେ ପହଞ୍ଚିବା ପରେ ସେ ଆମକୁ ଦେଖେଇଲେ ଗୋଷ୍ଠୀ ଉଦ୍ୟମରେ ହୋଇଥିବା ପରିବା ଚାଷ ଏବଂ ଗୋଟିଏ ପାଣି ଟ୍ୟାପ୍ । ବିନା ପମ୍ପରେ 'ଗ୍ରାଭିଟି ଫ୍ଲୋ'ରେ ପାଣି ଉଠୁଥିଲା । ଅଦ୍ଭୁତ ।

ଦେଶୁଘାଟୀ ଛାଡି ଝିରିପାଣି ରାସ୍ତା ଧରିବା ବେଳକୁ ଆମ ସହିତ ଥିଲେ ମୁଖିଆ ଏବଂ ୩/୪ଟି ସାନ ପିଲା । ସାଙ୍ଗରେ ଥିବା ବିଡିଓ ରବି ନାରାୟଣ ବାବୁ କହିଲେ ଯେ ଖୁବ୍ ନିକଟରେ ଦେଶୁଘାଟୀ ଗାଁ ଦାଣ୍ଡ କଂକ୍ରିଟ୍ ହେବ । ପାୱାର ହାଉସ୍/ମେସିନ୍ ରୁମ୍ ପର୍ଯ୍ୟନ୍ତ ପକ୍କା ପାହାଚ ବି କରାଯିବ । ଝିରିପାଣି ପହଞ୍ଚିବା ଆଗରୁ ଆମକୁ ଆଉ ଥରେ ଅତିକ୍ରମ କରିବା ପାଇଁ ପଡିଥିଲା ଚାଉଳଧୁଆ ନଈ । କେଇବର୍ଷ ଆଗରୁ ଏଠି ନଈ ଉପରେ ତିଆରି ହୋଇଥିବା ପୋଲ ବନ୍ୟାରେ ଅଧାରୁ ଅଧିକ ଭାଙ୍ଗି ଯାଇଥିଲା । ନଈର ଗୋଟିଏ ପାଖରେ ଥିଲା ପିକ୍ ଅପ୍ ଭ୍ୟାନ୍ । ଜଙ୍ଗଲ ବିଭାଗ ତରଫରୁ ଖବର ମିଳିଲେ ଜଙ୍ଗଲକୁ ଯାଇ ନିଆଁ ଲିଭେଇବା ପାଇଁ । ଚାଉଳଧୁଆରେ ପାଣି କମ୍ ଥିଲା ଏବଂ ଦେଶୁଘାଟୀରେ ପହଞ୍ଚିବା ଆଗରୁ ଆମେ ଅଙ୍କାବଙ୍କା ଏ ନଈକୁ ଅତିକ୍ରମ କରିଥିଲୁ ପାଞ୍ଚଥର । ମାତ୍ର ୧୨ କିଲୋମିଟର ରାସ୍ତାରେ (ବେଲଘରରୁ ଝିରିପାଣି ପଞ୍ଚାୟତ ଅଫିସ୍) ୬ ଥର ଦେଖା ହୋଇଥିଲା ଚାଉଳଧୁଆ ସହିତ । ଗୁମାରୁ ବାହାରିଥିବା ଏଇ ପାହାଡିଆ ନଈ ହିଁ ଝିରିପାଣିର ଅସଲ

ଦୁଃଖ । ଚତୁର୍ମାସ୍ୟାରେ ବସ୍ତୁତଃ ବିଚ୍ଛିନ୍ନ ହୋଇପଡେ ପଞ୍ଚାୟତର ୨୪ଟି ଗାଁ । ତେଣିକି ଡାକ୍ତରୀ ଚିକିତ୍ସା ଏବଂ ଜରୁରୀ ଆବଶ୍ୟକତା ପାଇଁ ଏସବୁ ଗାଁର ବାସିନ୍ଦା ନିର୍ଭର କରନ୍ତି କଳାହାଣ୍ଡି ଏବଂ ରାୟଗଡା ଉପରେ । ଲୋକେ ଆମ୍ଭଦଳା ଦେଇ ଯା'ନ୍ତି ରାମପୁର ଓ ରାୟଗଡା ।

ଅନ୍ୟ ଉପାୟ ନାହିଁ । ଘାଟି ରାସ୍ତାରେ ବର୍ଷା ଦିନେ ମଝିରେ ମଝିରେ ଭୂସ୍ଖଳନ ମଧ୍ୟ ହୁଏ । ଝିରିପାଣି ପଞ୍ଚାୟତ ଅଫିସ୍‌ରେ ଉପସ୍ଥିତ ଥିଲେ ସରପଞ୍ଚ ଏବଂ ତାଙ୍କ ସ୍ୱାମୀ । ପ୍ରକୃତରେ ସରପଞ୍ଚଙ୍କ ସ୍ୱାମୀ ହିଁ ପଞ୍ଚାୟତର ସବୁ କାମ ବୁଝୁଥିଲେ । କେତୋଟି ପ୍ରକଳ୍ପ ବୁଲେଇ ଦେଖେଇବା ପରେ ସେ କୁଇ-ଓଡ଼ିଆ-ଇଂରେଜୀ ମିଶା ଭାଷାରେ ନିଜ ଲୋକଙ୍କ ଦାବୀ ଜଣେଇଥିଲେ ଯେ ଯେତେଶୀଘ୍ର ସମ୍ଭବ ଚାଉଳଧୁଆ ନଈ ଉପରେ ପୋଲ କରନ୍ତୁ । ପଞ୍ଚାୟତ ବାସୀଙ୍କ ଅଭିଯୋଗ ଥିଲା ଯେ ମ୍ୟାଲେରିଆ ପ୍ରବଣ ଦୁର୍ଗମ ଅଞ୍ଚଳରେ ବର୍ଷରେ ଚାରିମାସରୁ ଅଧିକ ସମୟ ସେମାନେ ବଞ୍ଚିତ ରହୁଥିଲେ ସ୍ୱାସ୍ଥ୍ୟସେବାରୁ । ଅନ୍ୟ ଦିନେ ବି ଜଣେ ରୋଗୀଙ୍କୁ ଝିରିପାଣିରୁ ତୁମୁଡିବନ୍ଧ ନେବା ପାଇଁ ଗାଡି ଭଡ଼ା ବାବଦରେ ଦେବାକୁ ପଡୁଥିଲା ତିନିହଜାର ଟଙ୍କା । ବେଲଘରରେ ଡାକ୍ତର ନଥିଲେ । ବର୍ଷ ବର୍ଷ ଧରି କେବଳ ଭୋଟ ବେଳେ ସେମାନଙ୍କୁ ସାନ୍ତ୍ୱନା ମିଳୁଥିଲା ସବୁ ଠିକ୍ ହୋଇଯିବ ।

ସନ୍ଧ୍ୟା ଆଗରୁ ବେଲଘର ଲେଉଟାଣି ରାସ୍ତାରେ ଆମେ ଚାଉଳଧୁଆ ନଈକୁ ଅନ୍ତତଃ ୩ ଥର ଅତିକ୍ରମ କରି ସାରିଥିଲୁ । କିଛି ସମୟ ହାଲ୍‌କା ବର୍ଷା ହୋଇ ଛାଡି ଯାଇଥିଲା । ଓଦାମାଟିର ବାସ୍ନା, ରାସ୍ତା ଦି' ପାଖରେ ପଳାଶ ଫୁଲ, ମେଘ ଆଡୁଆଳରେ ଧୂଆଁ ପରି ଦିଶୁଥିବା ଦୂର ପାହାଡ, ଚଢେଇଙ୍କ ଚେଁ ଚାଁ, ସବୁ ଅପୂର୍ବ ଲାଗୁଥିଲା । ଝିରିପାଣିରେ ବସନ୍ତ ତଥାପି ଯେମିତି ଡେରା ପକେଇ ରହିଥିଲା । ରାସ୍ତା କିନ୍ତୁ ଥିଲା ଏକଦମ୍ ଶୁନ୍‌ଶାନ୍ । ଆମ ପଛରେ ରହିଯାଇଥିଲା ପିପଡାବାଲି ପାହାଡ, ପଦ୍ମାବତୀର ଗାଁ । ଭାବୁଥିଲି, ଦେଶୁଘାଟୀରେ ମେସିନ୍ ରୁମ୍‌ରେ କେହି ଜଣେ ହୁଏତ ପହଞ୍ଚୁଥିବ । ହୁଏତ ଆଲୁଅ ଜଳିବଣି ଏବଂ ଗାଁର ଏକମାତ୍ର ଟିଭି ସେଟ୍‌କୁ ଘେରି ବସିଥିବେ ସମସ୍ତେ । ଚାଉଳଧୁଆକୁ ଶେଷଥର ପାଇଁ ଟପିବା ଆଗରୁ ସନ୍ଧ୍ୟା ହୋଇ ସାରିଥିଲା । ବାର କିଲୋମିଟର ରାସ୍ତା ପାଇଁ ଏକ ଘଣ୍ଟାରୁ ଅଧିକ ଲାଗିଥିଲା । ପ୍ରାୟ ୬୦/୭୦ ଜଣ ଲୋକ ନଈ ଆରପାଖରୁ ଆସୁଥିଲେ । କେହି ଜଣେ ଗୀତ ଗାଉଥିଲା । ଆଉ କେତେ ଜଣ ତା ସହିତ ସୁର ମିଳେଇବା ପାଇଁ ଚେଷ୍ଟାକରି ବିଫଳ ହେଉଥିଲେ । 'କୁଆଡୁ ଫେରୁଛ', କୁଇ ଭାଷାରେ ଡ୍ରାଇଭର ସେମାନଙ୍କୁ ପଚାରିଲା । ଉତ୍ତର ମିଳିଲା, ରଙ୍ଗାପାରୁରୁ । ଆମର ଆଉ ବୁଝିବା ବାକି ନଥିଲା । ପଦ୍ମାବତୀର ବା'ଘର ଭୋଜି ଖାଇ ଦେଶୁଘାଟୀ ଫେରୁଥିଲେ ଏମାନେ । ଆଉ କେଇଦିନ ପରେ ପଦ୍ମାବତୀ ପ୍ରଥମ କରି ବୁଲି ଆସିବ ବାପଘରକୁ । ଏପଟେ ପୁଣି ଭୋଜିଭାତ ହେବ । ସଲପର ଆସର ଜମିବ । କିଛି ସମୟ ତୁନି ରହିବା ପରେ ଲୋକଟା ପୁଣି ଗୀତ ଗାଇବା ଆରମ୍ଭ କଲା । ସେ ଗୀତର ବିନ୍ଦୁ ବିସର୍ଗ ମୁଁ ବୁଝି ପାରୁ ନଥିଲି । ତେବେ ସେ ଗୀତ ଥିଲା ଖୁସିର ଗୀତ । ତୃପ୍ତିର ଗୀତ । *


(ସମ୍ବାଦ, ଏପ୍ରିଲ୍ ୧୮, ୨୦୧୩)

ସିଦ୍ଧାନ୍ତ କେବଳ ଆପେକ୍ଷିକ ଭାବେ ହିଁ ସତ୍ୟ । ଚୂଡାନ୍ତ ନୁହେଁ । ର୍ୟାନ୍ ଏବଂ କ୍ୟାସିଲ୍‌ଡାଙ୍କ ବିଚାର ଏଥିରୁ ମୁକ୍ତ ନୁହେଁ । ବିବର୍ତ୍ତନ (ଜୈବ) ଏକ ପ୍ରଭାବଶାଳୀ ପ୍ରକ୍ରିୟା ହୋଇପାରେ, ତେବେ ଏହା ମଣିଷର ଆଧ୍ୟାତ୍ମିକ ଉତ୍ତରଣର ଊର୍ଦ୍ଧ୍ୱରେ ନୁହେଁ । ହେଲେ ଦୁଃଖ ହେଉଛି, ଆମେ କିଛି ବି ବୁଝିବା ପାଇଁ ପ୍ରସ୍ତୁତ ନୁହେଁ । *

(ସମ୍ବାଦ ଡିସେମ୍ବର ୧୧, ୨୦୧୩)

# ଦିଗ୍‌ବଳୟର ସେ ପାଖରେ

ଏଇ ଅଳ୍ପ କେତେଦିନ ତଳେ ଜନଜାତିଙ୍କ ସ୍ୱାର୍ଥ ରକ୍ଷା ପାଇଁ କାମ କରୁଥିବା ଆନ୍ତର୍ଜାତିକ ସଂସ୍ଥା 'ସର୍ଭାଇଭାଲ୍ ଇଣ୍ଟରନ୍ୟାସ୍‌ନାଲ୍' ତରଫରୁ ପ୍ରସ୍ତୁତ ହୋଇଛି ମାତ୍ର ୩୦ ସେକେଣ୍ଡର କ୍ଷୁଦ୍ର ଚଳଚ୍ଚିତ୍ରଟିଏ । "ପ୍ରାଉଡ୍, ନଟ୍ ପ୍ରମିଟିଭ୍" ଆଦିବାସୀମାନେ ଗରିବ, ନିହାତି ପଛୁଆ ଏବଂ ଚାଲିଚଳଣିରେ ଜଙ୍ଗଲି/ଆଦିମ, ସଭ୍ୟ ସମାଜରେ ଭଣା ଅଧିକେ ଏମାନଙ୍କ ପ୍ରତି ଥିବା ବଦ୍ଧମୂଳ ଧାରଣାକୁ ବଦଳେଇ ଦେବା ପାଇଁ ପ୍ରୟାସ କରାଯାଇଛି ଚିତ୍ରରେ । ଯେଉଁ ଜନଜାତିମାନଙ୍କ ଉପରେ ଚଳଚ୍ଚିତ୍ରଟି ନିର୍ମିତ ହୋଇଛି ସେମାନଙ୍କ ଭିତରେ ଅଛନ୍ତି ଭାରତର ଡଙ୍ଗରିଆ କନ୍ଧ ଏବଂ ବାଇଗା, ବ୍ରାଜିଲ୍‌ର ଆୱା, ୟାଇଆପି ଏବଂ ଏନାୱେନେ ନାୱେ । ଏମାନଙ୍କ ବାଦ୍ ଅଛନ୍ତି ବଟ୍‌ସୁଆନାର ବୁଶ୍‌ମ୍ୟାନ୍ । ଆପଣ ହୁଏତ ଭାବୁଥାଇ ପାରନ୍ତି ଯେ ଜମାରୁ ୩୦ ସେକେଣ୍ଡରେ ଏତେ କଥା କହିବା କେମିତି ସମ୍ଭବ ହେବ ! ତେବେ ତାହାହିଁ ଏଇ କୁନି ସିନେମାର ସ୍ୱତନ୍ତ୍ରତା । ଅତି ଅଳ୍ପରେ ଢେର୍ କଥା କହାଯାଇପାରିବ । 'ଆମ ପାଖରେ ଦାରିଦ୍ର୍ୟ ନାହିଁ, ବୋମା ନାହିଁ, ପ୍ରଦୂଷଣ ନାହିଁ, ଦୁର୍ନୀତି ନାହିଁ, ଜେଲ୍ ନାହିଁ, ଜାତିପ୍ରଥା ନାହିଁ- ତଥାପି ଲୋକେ ଆମକୁ 'ଜଙ୍ଗଲି' ବୋଲି କେମିତି କହିପାରିବେ ?' ଏମିତି ପ୍ରଶ୍ନ ଆପଣ ସାମ୍ନା କରିବେ 'ପ୍ରାଉଡ୍, ନଟ୍ ପ୍ରିମିଟିଭ୍'ରେ । ପାଠକମାନଙ୍କ ପାଇଁ ସ୍ପଷ୍ଟ କରୁଛି ଯେ ଅଧିକାଂଶ ପ୍ରାଚୀନ ଜନଜାତି ରହୁଥିବା ମୂଲକରେ ଜୀବନ ତା' ନିଜ ବାଗରେ ବେଶ୍ ସମ୍ଭ୍ରାନ୍ତ । ନିକଟରେ ଏକ ସାକ୍ଷାତକାରରେ ବ୍ରାଜିଲ୍‌ର ଏକ ଜନଜାତିର ଜଣେ ପୁରୁଖା ସଦସ୍ୟ କହିଛନ୍ତି, "ଆମେ ଗରିବ ନୁହେଁ କି ଆଦିମ ନୁହେଁ, ବରଂ ଆମେ ଧନୀ ବୋଲି ନିଜକୁ ଭାବୁ । ଆମର ଭାଷା, ସଂସ୍କୃତି, ଆମେ ରହୁଥିବା ମୂଲକ- ସବୁଠି ପ୍ରାଚୁର୍ଯ୍ୟର ପରିଚୟ । ଟଙ୍କା ପଇସା, ଭୋଗବିଳାସର ଏତେ ସାଜସରଂଜାମ ଆମର ଲୋଡା ନାହିଁ । ହଁ, ଯାହା ଆମେ ଅବଶିଷ୍ଟ ପୃଥିବୀଠୁ ଲୋଡୁଛୁ, ତାହା ହେଉଛି ଆମର ଅଧିକାର, ସଂସ୍କୃତି ଏବଂ ସଭ୍ୟତା ପ୍ରତି ସମ୍ମାନ । ଆମରି ଜମି ଉପରେ ଆମର ଅଧିକାରକୁ ଗ୍ରହଣ କରିନେବାର ମୁକ୍ତ ମାନସିକତା । ବାସ୍, ସେତିକି ।"



ପାଠକେ, ଏବେ ଆସନ୍ତୁ ସାମାନ୍ୟ ବିସ୍ତାରରେ ଆଖି ପକେଇବା ଚଳଚ୍ଚିତ୍ରରେ ସ୍ଥାନିତ ଜନଜାତିଙ୍କ ଉପରେ । ଆଗେ ଡଙ୍ଗରିଆ । ଏ ପ୍ରବନ୍ଧ ପ୍ରକାଶିତ ହେବା ବେଳକୁ ନିୟମଗିରିକୁ ନେଇ ସବୁ ଯାକ ଅର୍ଥାତ୍ ୧୨ଟି ଯାକ ଗ୍ରାମସଭା ଶେଷ ହୋଇଯାଇଛି । ସବୁ ଗ୍ରାମସଭାରେ ବେଦାନ୍ତ ମାଇନିଂକୁ ତୀବ୍ର ବିରୋଧ କରାଯାଇଛି । ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଏଥର ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଥିଲା ଏଇ ଦୃଷ୍ଟିରୁ ଯେ ଡଙ୍ଗରିଆମାନଙ୍କ ଧାର୍ମିକ ଏବଂ ସାଂସ୍କୃତିକ ଅଧିକାରକୁ ଏଥିରେ ଅଗ୍ରାଧିକାର ଦିଆଯାଇଥିଲା । ବର୍ଷ ବର୍ଷ ଧରି ନିୟମଗିରିରେ 'ବେଦାନ୍ତ'ର ପ୍ରସ୍ତାବିତ ବକ୍ସାଇଟ୍ ମାଇନିଂକୁ ତୀବ୍ର ବିରୋଧ କରାଯାଉଛି । ଡଙ୍ଗରିଆ ନିୟମଗିରିକୁ 'ରାଜା' ମାନନ୍ତି । ୮୦୦୦ ଅଧିବାସୀଙ୍କ ପାଇଁ ଏକାଧାରରେ ନିୟମଗିରି ରାଜା, ସେମାନଙ୍କ ବିଧାତା, ଅର୍ଥନୀତି ଏବଂ ଆଧ୍ୟାତ୍ମିକତା । ଅନ୍ୟ ପକ୍ଷରେ ବେଦାନ୍ତ ଏବଂ ଯାର ପୃଷ୍ଠପୋଷକମାନଙ୍କ ପାଇଁ ନିୟମଗିରି ୨ ବିଲିୟନ୍ ଡଲାର୍‌ର ବକ୍ସାଇଟ୍ ଭର୍ତ୍ତି ପାହାଡଟାଏ । ଏବଂ ସେଇ ପାହାଡରେ ରହୁଥିବା କିଛି ବଣୁଆ ମଣିଷଙ୍କ ଚକଡାଟାଏ । "ମୁଠାଏ ମାଟି ଖୋଳିବାକୁ ନାହିଁ ଦେବୁ ।" ଏଯାବତ୍ ହୋଇଥିବା ସବୁ ଗ୍ରାମ ସଭାରେ ଏହାହିଁ ଥିଲା ନିଷ୍ପତ୍ତି । ଆଶା କରାଯାଉ ଯେ ନିୟମଗିରି ସୁରକ୍ଷିତ ରହିବ ।

ଏବେ ଆସିବା ବାଇଗାମାନଙ୍କ ପାଖକୁ । ଜଙ୍ଗଲ ଉପରେ ଏକାନ୍ତ ନିର୍ଭରଶୀଳ ବାଇଗାମାନଙ୍କ ଆଦି ଭୂଇଁ ମଧ୍ୟ ପ୍ରଦେଶ । ତେବେ ଛତିଶଗଡ ଏବଂ ଉତ୍ତର ପ୍ରଦେଶରେ ବି ଏମାନେ ରହନ୍ତି । ଅନେକ ବର୍ଷଧରି ବାଇଗାମାନେ ଜମିରେ ହଳ କରୁ ନଥିଲେ । ମାଟି ମା'କୁ କ୍ଷତାକ୍ତ କରିବା ପାଇଁ ଏମାନଙ୍କ ସଂସ୍କୃତି ବାରଣ କରିଥିଲା । ସେଇ ଏକା ଜମିରେ ବାରମ୍ବାର ଚାଷ ହେବ, ସେଥିରୁ ଫସଲ ଫଳିବ, ଯାଠୁ ବଡ ଅତ୍ୟାଚାର ମାଟି-ମା ଉପରେ ଆଉ କ'ଣ ଥାଇପାରେ ! ତେବେ କ୍ରମଶଃ ପରିବର୍ତ୍ତନ ଆସିଛି ଏବଂ ବାଇଗାମାନେ ଚାଷ କଲେଣି । ଜୀବନଶୈଳୀରେ ଏମାନେ ଏକଦମ୍ ନିରାଡମ୍ବର । ଅତି ଅଳ୍ପରେ ସନ୍ତୁଷ୍ଟ । କହାଯାଏ ଯେ ମଧ୍ୟପ୍ରଦେଶର ଯେଉଁ ଅଞ୍ଚଳରେ (ଜଙ୍ଗଲରେ) ବାଇଗାମାନେ ରହନ୍ତି ସେ ଜଙ୍ଗଲ ଅନ୍ୟ ଜଙ୍ଗଲଠୁ ନିଆରା । ସରକାର ସିନା କେବଳ ଶାଳ ଜଙ୍ଗଲ ଉପରେ ଗୁରୁତ୍ୱ ଦେଉଛନ୍ତି, ବାଇଗାମାନଙ୍କ ପାଇଁ ଜଙ୍ଗଲ କହିଲେ ବୁଝାଏ ଭରପୂର ଜଙ୍ଗଲ । ଜାତି ଜାତି ଗଛ । ଜୈବ ବିବିଧତା । ଜଙ୍ଗଲ ବିଭାଗର ଜୁଲମ ଏବଂ ପୁଲିସ୍‌ର ଧମକ ଓ ମିଥ୍ୟା ମାମଲା ସତ୍ତ୍ୱେ ମଧ୍ୟପ୍ରଦେଶରେ ସରକାରୀ ଗଛ କଟାକୁ ବାଇଗା ବିରୋଧ କରି ଆସୁଛନ୍ତି । ଅନେକାଂଶରେ ସଫଳ ବି ହୋଇଛନ୍ତି । ତେବେ ଜମି ପାଇଁ (ଏମାନଙ୍କ ମୂଳ ବାସଭୂଇଁ) ବାଇଗାମାନଙ୍କ ଉପରେ ଆକ୍ରମଣ ଅବ୍ୟାହତ ରହିଛି । ଆସନ୍ତୁ ଯିବା ବୁଶ୍ ମ୍ୟାନ୍ ମାନଙ୍କ ପାଖକୁ । ବଟ୍‌ସୁଆନା, ନାମିବିଆ, ଆଙ୍ଗୋଲା ଏବଂ ଦକ୍ଷିଣ ଆଫ୍ରିକାରେ ଏମାନେ ମୂଳ ଅଧିବାସୀ । ବଟ୍‌ସୁଆନାର ମଧ୍ୟ ଭାଗରେ ଅବସ୍ଥିତ କେନ୍ଦ୍ରୀୟ କାଲାହାରୀ ଗେମ୍ ପାର୍କକୁ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା ପ୍ରାୟ ୫୦୦୦ ବୁଶ୍‌ମ୍ୟାନ୍ ମାନଙ୍କ

ଜୀବିକା ଏବଂ ନିରାପତ୍ତା ପାଇଁ । ତେବେ ଗତ ଶତାବ୍ଦୀର ଅଶୀ ଦଶକରେ ସର୍ବେରୁ ଜଣାପଡିଲା ଯେ ଖାସ୍ ସେଇ ଅଞ୍ଚଳରେ ଗଚ୍ଛିତ ଅଛି ବିପୁଳ ପରିମାଣର ହୀରା । ତେଣିକି ତିନି ଥରରେ ୧୯୯୭, ୨୦୦୨ ଏବଂ ୨୦୦୫ରେ ସବୁ ଅଧିବାସୀଙ୍କୁ ଜୋର୍ ଜବରଦସ୍ତ ସେଠୁ ତଡି ଦିଆଗଲା । ମଣିଷଙ୍କୁ ନୁହେଁ, ନିୟମଗିରି ପରି ମାଇନିଂକୁ ଅଗ୍ରାଧିକାର ଦିଆଗଲା । ତଥାକଥିତ ବିକାଶ ନ୍ୟାୟରେ ଆପଣାର ଭିଟାମାଟି, ପ୍ରାକୃତିକ ସମ୍ବଳ ଏବଂ ଜୀବିକା ହରେଇ ବୁଶ୍‌ମ୍ୟାନ୍ ସ୍ଥାନାନ୍ତରିତ ହେଲେ ସରକାରଙ୍କ ଶରଣାର୍ଥୀ ଶିବିରକୁ । ବିଷାଦ ଏବଂ ବ୍ୟାଧିର ଶିକାର ହେବା ପାଇଁ ପଡିଲା ସେମାନଙ୍କୁ । ଯଦିଓ ନ୍ୟାୟାଳୟ ୨୦୦୬ ରେ ସେମାନଙ୍କ ଜମି ଫେରେଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ସରକାର ଏ ଆଦେଶ ପାଳନ ପାଇଁ ପ୍ରସ୍ତୁତ ନଥିଲେ । ଯାହା ସଇତାନ କରିଥା'ନ୍ତା କି ନାହିଁ , ସରକାର ସେମିତି କଲେ । ମୂଳ ଇଲାକାରେ ବୁଶ୍‌ମ୍ୟାନ୍ ମାନଙ୍କ ପିଇବା ପାଣିର ଉତ୍ସ ମାନଙ୍କୁ ନଷ୍ଟ କରି ଦିଆଗଲା- ଯେମିତି ସେମାନେ ରହି ନ ପାରିବେ । ୨୦୧୧ରେ ଆଉ ଏକ ମୋକଦ୍ଦମାରେ ଏମାନେ ପୁଣି ଜିତିଛନ୍ତି । ତଥାପି ଉପସ୍ଥିତ ସୁଧାର ଆସିନାହିଁ ।

ଏବେ ଯିବା ବ୍ରାଜିଲ୍ । ଏନାୱେନେ ନାୱେ ଜନଜାତିଙ୍କ ସଂଖ୍ୟା ଖୁବ୍ ବେଶିରେ ୫୦୦ରୁ ୬୦୦ । ୧୯୭୪ରେ ପ୍ରଥମ କରି ସଭ୍ୟ ସମାଜ ସେମାନଙ୍କ ସଂସ୍ପର୍ଶରେ ଆସିଲା । ମାଟୋ ଗ୍ରୋସୋ ରାଜ୍ୟର ଗୋଟିଏ ଗାଁ ରେ ଏମାନେ ରହନ୍ତି । ଗୋଟିଏ ପରିବାରରେ ୫୦ ସରିକି । ଘର ସବୁ ଗାଁର କେନ୍ଦ୍ର ସ୍ଥଳରେ । ଏକ ବୃତ୍ତାକାର କ୍ଷେତ୍ର ଉପରେ । ବର୍ଷରେ ଥରେ ଗୋଟାଏ ଅଦ୍ଭୁତ ପରମ୍ପରା ଅନୁଯାୟୀ ଏମାନେ ପୂର୍ବ ପୁରୁଷଙ୍କ ସହିତ ଖାଦ୍ୟ ବିନିମୟ କରନ୍ତି, ବଂଶୀ ବଜାନ୍ତି, ଗୀତ ବୋଲନ୍ତି ଏବଂ ଧୁମ୍ ନାଚନ୍ତି । ଚାରି ମାସ ଧରି ଏ ଉତ୍ସବ ଚାଲେ । କେଇ ବର୍ଷ ହେବ ମାଟୋ ସରକାର ଏମାନେ ରହୁଥିବା ଅଞ୍ଚଳରେ ୮୦-ଟି ଛୋଟ ବଡ ଜଳ ବିଦ୍ୟୁତ୍ ପ୍ରକଳ୍ପ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସେମାନଙ୍କ ସହିତ ଏ ବିଷୟରେ ମୋଟେ ଆଲୋଚନା କରାଯାଇ ନାହିଁ । ପ୍ରକଳ୍ପମାନ କାର୍ଯ୍ୟକାରୀ ହେଲେ ସେମାନେ ଜଙ୍ଗଲଜାତ ଦ୍ରବ୍ୟ ଏବଂ ମାଛ (ମୁଖ୍ୟ ଖାଦ୍ୟ) କେବଳ ହରେଇବେ ନାହିଁ, ସେମାନଙ୍କ ଆଧ୍ୟାତ୍ମିକ ଜୀବନ ମଧ୍ୟ ବିପର୍ଯ୍ୟସ୍ତ ହେବ । ସରକାରୀ କଟକଣା ନ ଥିବା ଯୋଗୁଁ ଏବେ ସ୍ଥାନୀୟ ଅଞ୍ଚଳରେ ଜଙ୍ଗଲର ବ୍ୟାପକ କ୍ଷୟ ଆରମ୍ଭ ହୋଇ ସାରିଛି । ଏଣେ ଡଙ୍ଗରିଆଙ୍କ ପରି ଏମାନେ ବି ଭିଟାମାଟିର ସୁରକ୍ଷା ସକାଶେ ସଂଗ୍ରାମ ଜାରି ରଖିଛନ୍ତି । ୨୦୦୮ରେ ନିମ୍ନ ଅଦାଲତରେ ଏମାନେ ଜିତିଥିଲେ । ନଦୀବନ୍ଧ ନ କରିବା ପାଇଁ । ତେବେ ସରକାରଙ୍କ ଯାଚିକାର ବିଚାର କରି ନିମ୍ନ ଅଦାଲତର ରାୟକୁ ଅକାମି କରି ଦେଇଥିଲେ ଉପର ଅଦାଲତ । ନିକଟରେ ଜାତିସଂଘକୁ ଏକ ପତ୍ରରେ ଏନାୱେନେ ଜଣେଇଛନ୍ତି ଯେ ନଦୀବନ୍ଧ ସବୁ ଆମର ପ୍ରାଚୀନ ତଥା ପବିତ୍ର ନଦୀଜଳକୁ ପ୍ରଦୂଷିତ କରୁ, ଆମ ମାଛକୁ ମାରି ପକାଉ-ଆମ ଭିଟାମାଟି ଛଡେଇ ନେଉ, ଏକଥା ଆମେ କଦାପି ଚାହିଁବୁ ନାହିଁ । ସେମାନେ ଏକଥା ବି ଲେଖିଛନ୍ତି ଯେ ଆମାଜନ୍ ବର୍ଷାବନର ବିପୁଳ ଜୈବ

ବିବିଧତାକୁ ବଞ୍ଚେଇ ରଖାଯାଉ । ଆମ ମାଛ, ମକା ଗଛ ଏବଂ ମହୁ ମାଛି ଚିରକାଳ ସେମିତି ଥାଆନ୍ତୁ । ପ୍ରକୃତି ଏବଂ ପରଲୋକ ସହିତ ଆମର ସମନ୍ୱୟ ଏବଂ ସଂପ୍ରୀତି ଅତୁଟ ଥାଉ । ଏନାଓ୍ୱେନେମାନଙ୍କ ଦୃଢ ବିଶ୍ୱାସ ଯେ ୟାକାଇରିତି ଆତ୍ମାମାନେ ହିଁ ପ୍ରକୃତିର ନିୟାମକ । ଦେବତା । ଆଉ ଯଦି ଜଙ୍ଗଲ ନଷ୍ଟ ହେବ, ତେବେ ସେମାନେ (ଜନଜାତି) ଅଭିଶପ୍ତ ତଥା ନିଶ୍ଚିହ୍ନ ହୋଇଯିବେ । ପାଠକେ, ପ୍ରାୟ ବର୍ଷକ ତଳେ ଡଙ୍ଗରିଆମାନଙ୍କର ଜଣେ ଛାମୁଆ ସଦସ୍ୟ କହିଥିଲେ ଯେ ସେମାନେ ଆଶ୍ଚର୍ଯ୍ୟ ହେଉଛନ୍ତି ଯେତେବେଳେ କମ୍ପାନି ଆଉ ସରକାରୀ ବାବୁମାନେ ସେମାନଙ୍କ ପାଖକୁ ବିକାଶର ଅ-ଆ ପଢେଇବାକୁ ଆସୁଛନ୍ତି । ବିକାଶର ପାଠ କହିଲେ କ'ଣ ସେମାନଙ୍କ ଜଙ୍ଗଲ ଏବଂ ପରିବେଶର ମୂଳୋତ୍ପାଟନ ? ମାନବିକ ମୂଲ୍ୟବୋଧ, ମର୍ଯ୍ୟାଦା ଏବଂ ସଂସ୍କୃତିର ମୃତ୍ୟୁ ? ଯଦି ବିକାଶ କହିଲେ ପଇସା ଦେଇ ଗାଧୋଇବାକୁ ଏବଂ ପାଣି ପିଇବାକୁ ବୁଝେଇବ, ଖାଇବାକୁ ବୁଝେଇବ, ତେବେ ନିୟମଗିରି ପାଇଁ ବିକାଶର ଏ ଛଦ୍ମବିଳ ବର୍ଣ୍ଣବୋଧ ଲୋଡା ନାହିଁ । କାରଣ ଏଠି ସରଳ ଏବଂ ପରିପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ପଇସା ଖର୍ଚ୍ଚ କରିବାକୁ ପଡେ ନାହିଁ .. ଜମି, ଜଳ ଓ ଜଙ୍ଗଲ ପାଇଁ ନିୟମରାଜା କାହାକୁ ମାହାସୁଲ ମାଗନ୍ତି ନାହିଁ ।

ବ୍ରାଜିଲ୍‌ରେ ଆଓ୍ୱା ଏବଂ ଓ୍ୱାଇଆପିଙ୍କ ଅବସ୍ଥା ମଧ୍ୟ ସମାନ । ସେମାନେ ରହୁଥିବା ଜାଗାରେ କଳକାରଖାନା ହେଉନାହିଁ ସତ, ମାତ୍ର ସଂରକ୍ଷଣ ଏବଂ ସରକାରୀ ମନୋବୃତ୍ତି ଅଭାବରେ ବ୍ୟାପକ ଜଙ୍ଗଲ କ୍ଷୟ ଏମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ତଥ୍ୟ ଅନୁଯାୟୀ ଉନବିଂଶ ଶତାବ୍ଦୀର ଆରମ୍ଭରେ ଏମାନଙ୍କ ସଂଖ୍ୟା ପ୍ରାୟ ୬୦୦୦ ଥିଲା ଯାହା ୨୦୦୮ ସୁଦ୍ଧା ହ୍ରାସ ପାଇଥିଲା ୧୬୦୦କୁ । ୧୯୪୦ ଆଡକୁ ସଭ୍ୟ ସମାଜ ସହିତ ଏମାନଙ୍କର ପରିଚୟ ହୋଇଥିଲା ଏବଂ ତାପରଠୁ ଆରମ୍ଭ ହୋଇଗଲା ଅସଭ୍ୟ ଆକ୍ରମଣ ସଭ୍ୟମାନଙ୍କ ପକ୍ଷରୁ ।

କେଇଦିନ ତଳେ ଏସବୁ ବିଷୟ ଆଲୋଚନା ହୋଇଥିଲା ଅବିନାଶ ସହିତ । ଅବିନାଶ ରାଜନୀତି ବିଜ୍ଞାନର ପ୍ରଫେସର । ସେ କହିଲା, 'ସର୍ଭାଇଭାଲ୍' ପରି ସଂସ୍ଥାମାନଙ୍କ ହସ୍ତକ୍ଷେପ ଯୋଗୁଁ ପରିସ୍ଥିତିରେ ପରିବର୍ତ୍ତନ ତ ଆସିଛି, କିନ୍ତୁ ଏବେ ବି ଢେର୍ କରିବା ପାଇଁ ବାକି ଅଛି । ପୃଥିବୀର ଅନ୍ତତଃ ୬୦ଟି ଦେଶରେ ୧୫୦ ନିୟୁତ ଜନଜାତିଙ୍କୁ ସେମାନଙ୍କ ଜମିର ଅଧିକାର ଆଇନତଃ ମିଳିଛି ସତ, କିନ୍ତୁ ଅଧିକାଂଶ କ୍ଷେତ୍ରରେ ସରକାର ଏବଂ ନାଗରିକ ସମାଜ ଅନ୍ତର୍ଜାତୀୟ ଆଇନକୁ ସମ୍ମାନ ଦେଉନାହାନ୍ତି ।ମୁଁ ନିୟମଗିରି କଥା ପଚାରିଲି । ଅବିନାଶ ଉତ୍ତର ଦେଲା ଯେ ଆଶା ରଖାଯାଉ ଆଗକୁ ନିୟମରାଜାଙ୍କ ରାଜତ୍ୱ ଅବ୍ୟାହତ ରହିବ । ତେବେ ସେ ଏକଦମ୍ ନିଶ୍ଚିନ୍ତ ନ ଥିଲା । ପ୍ରସଙ୍ଗକ୍ରମେ ସେ 'ଗ୍ରେଟ୍ ଆଣ୍ଡାମାନିକ୍‌ଙ୍କ କଥା ଉଠେଇଲା । ୧୮୦୦ରେ ଏମାନଙ୍କ ସଂଖ୍ୟା ୬୦୦୦ ପାଖାପାଖି

ଥିଲା ଯାହା ୨୦୧୩ରେ ପହଞ୍ଚିଛି ୫୩ରେ । ସେ ଏକଥା ବି କହିଲା ଯେ ପୃଥିବୀର ମୋଟ ଜନଜାତିଙ୍କ ମଧ୍ୟରୁ ଏକ ପଞ୍ଚମାଂଶ ନିଜ ଆଦିଭୂଇଁରୁ ତଡାଖାଇ ରାସ୍ତାକୁ ଓହ୍ଲେଇ ସାରିଛନ୍ତି । ଆମ ବିକାଶର ଓସାରିଆ ପ୍ଲାଟଫର୍ମରେ ବଳି ପଡି ସାରିଛନ୍ତି ୨୦ ନିୟୁତ ଆଦିବାସୀ ଯେଉଁମାନେ ବିସ୍ଥାପିତ/ଉତ୍ପାଟିତ ହୋଇଛନ୍ତି, ପ୍ରାଣ ହରେଇଛନ୍ତି, ନଚେତ୍ ମାନସିକ ଭାରସାମ୍ୟ ହରେଇ ବସିଛନ୍ତି ।

ସଂଧ୍ୟା ହୋଇ ଆସୁଥିଲା । ଅବିନାଶ କହିଲା ଯେ ଆମକୁ ଦିଶି ଯାଉଥିବା ଦିଗ୍ବଳୟର ସେ ପାଖରେ ବି ଗୋଟାଏ ଦୁନିଆଁ ଅଛି, ସେଠି ବି ଜୀବନ ଅଛି, ଝରଣା ଅଛି, ଇନ୍ଦ୍ରଧନୁ ଅଛି ଏବଂ ଦିଗ୍ବଳୟର ଏପାଖରେ ଆମ ଉପଲବ୍ଧି ଯେ ଆଦୌ ଚୂଡାନ୍ତ ନୁହେଁ- କାହିଁକି କେଜାଣି, ଏକଥା ଆମେ ଭୁଲି ଯାଉଛୁ । ମୁଁ ଆଉ କିଛି ପଚାରି ନଥିଲି । *


(ସମ୍ବାଦ, ଅଗଷ୍ଟ ୨୨, ୨୦୧୩)



# ଇନ୍ଦ୍ର ସିକକାର ଗାଁ

ତା.୦୧/୦୯/୨୦୧୩। ସିର୍କାପାଡି (ରାୟଗଡା)ରେ ପହଞ୍ଚିବା ଏତେ ସହଜ ନଥିଲା । ନିୟମଗିରିରୁ ବେଦାନ୍ତ କମ୍ପାନିର ବକ୍‌ସାଇଟ୍ ଉତ୍ତୋଳନ ପ୍ରସଙ୍ଗରେ ପ୍ରଥମ ପଲ୍ଲୀସଭା ହୋଇଥିଲା ଏଇ ଗାଁରେ । ଏଇ ଗାଁରେ ଜଣେ ଯୁବକ ସେଦିନ ଛାତିରେ ହାତ ବାଡେଇ କହିଥିଲା ଯେ ରକ୍ତ ଦେଇଦେବୁ ପଛକେ, ନିୟମଗିରି ଛାଡିବୁ ନାହିଁ। ଆମେ ଯିବା ବେଳକୁ ସବୁ ପଲ୍ଲୀସଭା ଶେଷ ହୋଇ ସାରିଥିଲା ସତ, ତାତି କିନ୍ତୁ ତଥାପି ଥିଲା । ଏଣେ ମୁନିଗୁଡାରେ ଥିବା ମୋର ଜଣେ ଲେଖକ ବନ୍ଧୁ ସତର୍କ କରି ଦେଇଥିଲେ ଯେ ସ୍ଥାନୀୟ ଓ୍ୱାର୍ଡ ମେମ୍ବର, ରାଜସ କର୍ମଚାରୀ/ଗ୍ରାମସେବକ ଏମାନଙ୍କ ଭିତରୁ କେହି ଜଣେ ଆମ ସହିତ ଡଙ୍ଗରିଆମାନଙ୍କ ଗାଁ କୁ ଯିବା ଦରକାର । ଉଭୟ କୁଇ ଏବଂ ଓଡିଆ କହିପାରୁଥିବା ଜଣେ ଥିଲେ ଭଲ । ନହେଲେ ବିପଦ । ୨/୩ ମାସ ତଳେ ରାୟଗଡାର ଜଣେ ଅତ୍ୟୁତ୍ସାହୀ ଯୁବ ଅଫିସର ତାଙ୍କ ଗାଡିରେ ଏକା ଗୋଟାଏ ଗାଁକୁ ଯାଇ ଅଟକ ରହିଥିଲେ ଦୁଇଦିନ । ଡଙ୍ଗରିଆମାନଙ୍କର ଆଶଙ୍କା ଥିଲା ଯେ ବାବୁଜଣଙ୍କ ସମ୍ଭବତଃ ବେଦାନ୍ତର ଅଫିସର ନଚେତ୍ ଏଜେଣ୍ଟ।

ସଂଯୋଗକୁ ସେଦିନ ଛୁଟି(ରବିବାର) ଥିଲା । ମୁନିଗୁଡା ତହସିଲଦାରଙ୍କ ସୌଜନ୍ୟରୁ ଦୁଇଜଣ ସ୍ଥାନୀୟ ରାଜସ କର୍ମଚାରୀଙ୍କୁ ସାଙ୍ଗରେ ଧରି ଆମେ ବାହାରିଲୁ ସିର୍କାପାଡି । ବିଜୟଓ୍ୱାଡା ରାଞ୍ଚି କରିଡର୍‌ର ପାତ୍ରଗୁଡା ଛକରୁ ପ୍ରାୟ ଦେଢ କିଲୋମିଟର ଭିତରକୁ ଯିବା ପରେ ଆମେ ସାଙ୍ଗରେ ନେଇଥିଲୁ ସ୍ଥାନୀୟ ଓ୍ୱାର୍ଡ୍‌ମେମ୍ବରଙ୍କୁ । କୁଇ ଏବଂ ଓଡିଆ ସେ ଭଲ କହିପାରୁଥିଲେ। ଘଞ୍ଚ ଜଙ୍ଗଲ ଆରମ୍ଭ ହେବା ଆଗରୁ ଆମକୁ ପାର ହେବା ପାଇଁ ପଡିଥିଲା ସୁନ୍ଦରଯୋଡି ନଈ । ସରୁ ପାହାଡିଆ ନଈ । ଚିରସ୍ରୋତା । ଯା ଉପରେ



କେତେ ଆଗରୁ କେଜାଣି ତିଆରି ହୋଇଥିବା କଂକ୍ରିଟ୍ ପୋଲ ଭୁଷୁଡି ପଡିଛି । ଆଣ୍ଠୁଏ ପାଣିରେ ଜିପ୍ ଯିବା ଏତେ ସହଜ ନଥିଲା । ଆମେ କିନ୍ତୁ ଫେରିବା ମୁଡ୍‌ରେ ନ ଥିଲୁ । ନଈ ପାର ହେବା ପରେ ପଡିଲା ଅଙ୍କା ବଙ୍କା ସରୁ ରାସ୍ତା ସିର୍କାପାଡିକୁ । ନିୟମଗିରି ଆମକୁ ଚାରିପଟୁ ଯେମିତି ଜାବୁଡି ଧରିଥିଲା । ଡାହାଣ ପାଖରେ ଥିଲା ତୀଖ ପାହାଡ । ପୋଡୁ ଚାଷ ପାଇଁ ଗଛ ସବୁ କଟାହୋଇ ପୋଡା ସରିବା ପରେ ଗୋଟାଏ ପାହାଡ ତ ଟୋପି ପିନ୍ଧିବାପରି ଦିଶୁଥିଲା । ପାଗ ଏକଦମ୍ ଶୁଖିଲା ଓ ଫର୍ଚା ଥିଲା । ମଧ୍ୟାହ୍ନ ସୂର୍ଯ୍ୟ ବାଦଲଙ୍କ ସହିତ ଲୁଚକାଳି ଖେଳରେ ବ୍ୟସ୍ତ ଥିଲେ । ଦୂର ପାହାଡରେ ଅଧେ ଆଲୁଅ, ଅଧେ ଛାଇ ଚମତ୍କାର ଦିଶୁଥିଲା । ସିର୍କାପାଡି ରେ ପହଞ୍ଚିବା ଆଗରୁ ଓ୍ୱାର୍ଡମେମ୍ବର ବନ୍ଧୁ ରାସ୍ତାକୁ ଲାଗି ବାଁ ପାଖରେ ଥିବା ଗୋଟାଏ ୪/୫ ଫୁଟର ନୂଆଁଣିଆ ଘର ପାଖରେ ଗାଡି ଅଟକେଇବାକୁ କହିଲେ । ଏଠି କଣ ଅଛି, ଆମେ ପଚାରିଥିଲୁ । 'ଦେବତାଙ୍କ ଘର ଆଜ୍ଞା । ଧରଣୀ ପେନୁ । ମାଟିର ଦେବତା' । ସେ ଉତ୍ତର ଦେଲେ । ଆମେ ଗାଡିରୁ ଓହ୍ଲେଇଲୁ । କେହି କୋଉଠି ନଥିଲେ । ଦୂରରୁ ଚଢେଇଙ୍କ ଚେଁ ଚାଁ ଓ ଝିଙ୍କାରିଙ୍କ ଝିଁ ଝିଁ ଯାହା ଶୁଭୁଥିଲା । ଝାଟି କବାଟରେ ଗଡା ଧରଣୀ ପେନୁଙ୍କ ଦୁଆର ବନ୍ଦ ଥିଲା । ସେଠି ଉଡୁଥିଲେ ଫଂଝାଏ ହଳଦିଆ ପ୍ରଜାପତି । ଗାଡି ଚାଲିବା ପରେ ଓ୍ୱାର୍ଡ ମେମ୍ବର ବାବୁ ଆମକୁ ବୁଝାଉଥିଲେ ଯେ ସିର୍କାପାଡି ପାଖାପାଖି ଗାଁ ବୋଇଲେ କେଶରପାଡି, ବାବୁପାଡି, କମ୍ବେସି . . . ଜାରପା । ଯେଉଁ ୧୨ଟି ଗାଁରେ ପଲ୍ଲୀସଭା ହୋଇଥିଲା, ସେଥିରୁ ୭ଟି ରାୟଗଡା ଜିଲ୍ଲାରେ ଏବଂ ଆଉ ୫ଟି କଳାହାଣ୍ଡିରେ । ତେବେ ନିୟମଗିରି ଅଞ୍ଚଳରେ ଡଙ୍ଗରିଆମାନେ ୨୫ରୁ ଅଧିକ ଗାଁରେ ଅଛନ୍ତି । ବକ୍ସାଇଟ୍ ଉତ୍ତୋଳନରେ ସବୁଠୁ ଅଧିକ ପ୍ରଭାବିତ ହୋଇଥା'ନ୍ତେ ଏଇ ୧୨ଟି ଗାଁର ବାସିନ୍ଦା ।

ସିର୍କାପାଡିରେ ଆମେ ପହଞ୍ଚି ସାରିଥିଲୁ । ଗୋଟାଏ ସାନ ପାହାଡ ଉପରେ ଗାଁଟି । ୨୨ ଘର । ଲୋକସଂଖ୍ୟା ୭୦ । ଭୋଟର ୪୬ । ମୁଖ୍ୟ ରାସ୍ତାଠୁ ମାତ୍ର ୧୧/୧୨ କି.ମି. ଅତିକ୍ରମ କରିବା ପାଇଁ ପାଖାପାଖି ଘଣ୍ଟାଏ ଲାଗିଥିଲା ଆମକୁ । ଗାଁ ମୁଣ୍ଡରେ ଅଳିଆ ଗଦା । ତା ପାଖରେ ୬/୭ ଘୁଷୁରି ଛୁଆ ଏବଂ ସେମାନଙ୍କ ମୋଟି ମାଆ । ଆଉ ଟିକିଏ ଦୂରରେ ୮/୧୦ କୁକୁଡା ଛୁଆ । ଗାଁ ଭିତରକୁ ଯିବା ଆଗରୁ ଆମର ଧାରଣା ହୋଇଥିଲା ଯେ ବୋଧହୁଏ କେହି ନାହାନ୍ତି । ଆଗରେ ଆର୍.ଆଇ. ବାବୁ ଚାଲୁଥିଲେ । କହିଲେ ପାହାଡକୁ ଯାଇଥିବେ ଆଜ୍ଞା । ଦି ଧାଡି ନୂଆଁଣିଆ ଛୋଟ ଛୋଟ ଘର । ନଡା ଛପର । ଅଳ୍ପ କିଛି ଘରେ ଦସ୍ତା ଚାଦର ପଡିଛି । ସେ ଭିତରୁ ଅଧାଅଧି ଭାଙ୍ଗି ଯାଇଥିବା ଗୋଟାଏ ପକ୍କା ଘର ଦୃଷ୍ଟିକୁ ଆସିଲା । ଯେ କାହାର ଘର ? ଆମେ ପଚାରିଲୁ । ଘର ନୁହେଁ ଆଜ୍ଞା, ସ୍କୁଲ । ଉତ୍ତର ଦେଲେ ଓ୍ୱାର୍ଡମେମ୍ବର । ଡଙ୍ଗରିଆ କନ୍ଧ ଉନ୍ନୟନ ଏଜେନ୍‌ସି ଏ ସ୍କୁଲ ଚଳାଏ । ହେଲେ ବର୍ଷେ ହେବ, କେହି ପଢେଇବାକୁ ଆସୁନାହାନ୍ତି । ଲାଲ୍ ଟି ସାର୍ଟ ଏବଂ ଲୁଙ୍ଗି ପିନ୍ଧିଥିବା ୨୦/୨୧ ବର୍ଷର ଜଣେ ଯୁବକ ଆମଠୁ ଅଳ୍ପ ଦୂରରେ ଥିଲା । ତା ସହିତ ଥିଲେ ଆଉ ୩ ଜଣ । ସେମାନେ

ଆମକୁ ସନ୍ଦେହ କରୁଥିଲେ ବୋଲି ମନେ ହେଉଥିଲା । ୱାର୍ଡ ମେୟର କହିଲେ, ଯେ ହେଉଛି ଗୋବିନ୍ଦ ସିକକା । ଗାଁ ମୁଖିଆ ଇନ୍ଦ୍ର ସିକକାର ପୁଅ । ସେଦିନ ପଲ୍ଲୀ ସଭାରେ ଏଇ ଯୁବକ ହିଁ ନେତୃତ୍ୱ ନେଇଥିଲା । ଗୋବିନ୍ଦ ୭ମ ପାସ୍ । ଓଡିଆ ବୁଝୁଥିଲା ଏବଂ କହି ବି ପାରୁଥିଲା । ଆମେ ପଚାରିଲୁ ଗୋବିନ୍ଦ, ତୁମ ବାପା କାହିଁନ୍ତି ? କଣ ପାଇଁ ଖୋଜୁଛନ୍ତି ଆଜ୍ଞା ? ସାଙ୍ଗେ ସାଙ୍ଗେ ଆମକୁ ସେ ପ୍ରଶ୍ନ କରିଥିଲା । ଯଦିଓ ଆମ ସହିତ ସ୍ଥାନୀୟ ୱାର୍ଡମେୟର ଏବଂ ରାଜସ ଅଧିକାରୀ ଥିଲେ, ସେ ଆମକୁ ବେଦାନ୍ତବାଲା ବୋଲି ଭାବୁଥିଲା । ୧୦/୧୫ ମିନିଟ୍ ୱାର୍ଡମେୟର ବୁଝେଇବା ପରେ ସବୁ ସାଭାବିକ ହୋଇ ଯାଇଥିଲା ।

ଗୋବିନ୍ଦ ଆମକୁ ଗାଁ ବୁଲେଇ ନେଲା । ଇନ୍ଦ୍ର ସିକକା ପାହାଡକୁ ଯାଇଛନ୍ତି ଏବଂ ତାଙ୍କ ଫେରିବା ବେଳ ହୋଇଗଲାଣି ବୋଲି ଜଣେଇଲା । ଗାଁ ଶେଷମୁଣ୍ଡରେ ଥିବା ଗୋଟାଏ ଗଛ ଆଡକୁ ଆଙ୍ଗୁଠି ଦେଖେଇ କହିଲା, ପଲ୍ଲୀସଭା ସେଇଠି ହୋଇଥିଲା । ପଚାରିଲି, ବେଦାନ୍ତକୁ ଏତେ ବିରୋଧ କାହିଁକି ? ଟିକିଏ ଚୁପ୍ ରହିଲା ଗୋବିନ୍ଦ । ତା ପରେ ସେ ଯାହା କହିଲା, ମୋଟାମୋଟି ତାହା ଥିଲା ଏମିତି: ନିର୍ଦ୍ଦିଷ୍ଟ ଭାବରେ ବେଦାନ୍ତ ସେମାନଙ୍କର ଶତ୍ରୁ ନୁହେଁ । ହଁ, କମ୍ପାନି ଶତ୍ରୁ ଏଇ ଦୃଷ୍ଟିରୁ ଯେ ନିୟମଗିରିରୁ ବକ୍ସାଇଟ୍ ମାଇନିଂ କଥା ବେଦାନ୍ତ ଯୋଗୁଁ ଉଠିଲା । ତେବେ ସରକାର ମଧ୍ୟ ଡଙ୍ଗରିଆମାନଙ୍କର ମିତ୍ରପକ୍ଷ ନୁହେଁ । ସାଧୀନତାର ଏତେ ବର୍ଷ ପରେ ବି ସେମାନଙ୍କର କିଛି ହୋଇନି । ଇନ୍ଦିରା ଆବାସ/ମୋ କୁଡିଆ କିଛି ନାହିଁ । ଜଙ୍ଗଲ ଅଧିକାର ଆଇନରେ ସେମାନଙ୍କୁ ଜମି ପଟ୍ଟା ଅବଶ୍ୟ ମିଳିଛି, କିନ୍ତୁ ସେ ସବୁ ଦରକାର ନଥିଲା ।

ଏମିତିରେ ନିୟମଗିରି ତ ଡଙ୍ଗରିଆମାନଙ୍କର । ସିର୍କାପାଡି ମୁଖ୍ୟ ରାସ୍ତାଠୁ ଡଙ୍ଗରିଆ ରହୁଥିବା ସବୁଠୁ ପାଖ ଗାଁ । ଏଠି ତ ଅବସ୍ଥା ଏମିତି । ଗାଁରେ ବଡ ପାଠୁଆ ତାକୁ ମିଶେଇ ୩ ଜଣ । ସପ୍ତମରୁ ନବମ ପର୍ଯ୍ୟନ୍ତ । ବାସ୍ । ପାଖ ଘର ଭିତରକୁ ଆମକୁ ଡାକିଲା ଗୋବିନ୍ଦ । ବଖରାଏ ଘର । ଭିତରେ ଝାପ୍‌ସା ଆଲୁଅ । ଗୋଟାଏ କୋଣରେ ଜଣେ ବିଛଣାରେ ଶୋଇଛି । ଗୋବିନ୍ଦ କହିଲା, ପରିବାରର ସମସ୍ତେ ଏଇ ବଖରାରେ ଚଳନ୍ତି । ୩ ମାସ ଧରି ଚାଲିବୁଲି ପାରୁ ନଥିବା ଏ ବୁଢୀ, ତା ପୁଅବୋହୂ, ନାତି ନାତୁଣୀ ଆଉ ଯୋଡିଏ ଛେଳି । ବଡ ଘର ପାଇଁ ଜଙ୍ଗଲରେ ଜାଗା ତ ଅଛି, ଆମ ପାଖରେ ସମ୍ବଳ ନାହିଁ । ଏଠି କାହା ଦେହମୁଣ୍ଡ ଖରାପ ହେଲେ ମରିବା ବ୍ୟତୀତ ବାଟ ନାହିଁ । ଶିବପଦର ହାଟରେ ପୋଡୁଚାଷରୁ ମିଳୁଥିବା ମାଣ୍ଡିଆ, ଝୁଡଙ୍ଗ, କାନ୍ଦୁଲ ଆମେ ବିକୁ । ଓଷଦ ଦୋକାନୀ କହିବା ଅନୁସାରେ ଓଷଦ କିଣୁ । ଏମିତି ଏଠି ଜୀବନ । ଆଉ ଯାହା ବି ସେମାନେ ବଞ୍ଚିଛନ୍ତି ସେତକ ନିୟମପେନୁଙ୍କ ସୌଜନ୍ୟରୁ । ତେଣୁ ସରକାର ନୁହେଁ କି କମ୍ପାନି ନୁହେଁ, କେବଳ ଜୀଇବା ପାଇଁ ନିୟମଗିରି ଭରସା ।

ଗାଁ ଶୁନ୍ ଶାନ୍ ଲାଗୁଥିଲା । ଗୋବିନ୍ଦଙ୍କୁ ମିଶେଇ ୧୨/୧୪ ଜଣ ଗାଁରେ ଥିଲେ । ଇନ୍ଦ୍ର ସିକକା ଗାଁରେ ପହଞ୍ଚି ସାରିଥିଲା ଏବଂ ତା ପୁଅକୁ ଆମ ସାଙ୍ଗରେ ଦେଖି ଡିମା ଡିମା ଆଖିରେ ଚାହିଁଲା । କାନ୍ଧରୁ ଶାଳ ବହ୍ଲି ଓହ୍ଲେଇ କାନ୍ଥରେ ଡେରିଲା ଏବଂ ଆମକୁ ସିଧା ପଚାରିଲା, କୁଆଡେ ? ପୁଣି ଆମ ପାଇଁ ଓ୍ୱାର୍ଡମେମ୍ବର ଉତ୍ତର ଦେଇଥିଲେ । ମୁଖିଆ ସାମାନ୍ୟ ଆଶ୍ୱସ୍ତ ଜଣା ପଡୁଥିଲେ । ପ୍ରସଙ୍ଗ ବଦଳେଇବାପାଇଁ ମୁଁ ପଚାରିଲି, ଆପଣଙ୍କ ଜଙ୍ଗଲରେ ଜୀବଜନ୍ତୁ ଅଛନ୍ତି ? ମୁଖିଆ ହସିଲେ । କହିଲେ, ଜନ୍ତୁ ଥିବନି, ଦିଶିବନି । ମୁଁ କହିଲି, ଆପଣଙ୍କ ଗାଁରେ ୬ଟା ସୋଲାର ପ୍ୟାନେଲ୍ ଲାଗିଛି । କ'ଣ ସରକାର ଲଗେଇଛନ୍ତି ? ଉତ୍ତର ସଂକ୍ଷିପ୍ତ ଏବଂ ସାମାନ୍ୟ ରୁକ୍ଷ ଥିଲା । 'ନାଇଁ' । ସରକାର ଏବଂ ବେଦାନ୍ତ ଉଭୟ ପ୍ରତି ସମାନ ଭାବରେ ଅସନ୍ତୁଷ୍ଟ ଏବଂ ଅନାସକ୍ତ ଥିଲେ ସିର୍କାପାଡିର ବାସିନ୍ଦା । ଇନ୍ଦ୍ରଙ୍କ ବେକରେ ଗୋଟେ ବଡ ଡଙ୍ଗରିଆ ଥିଲା । ପଚାରିଲୁ, ଜଙ୍ଗଲରୁ ଆପଣ ଔଷଧ ସଂଗ୍ରହ କରୁଛନ୍ତି ? ସେ କହିଲେ ଯେ ତାଙ୍କ ଗାଁ ରେ ଥିବା ଏକମାତ୍ର କବିରାଜ ୬ ବର୍ଷ ତଳୁ ମଲେଣି । ସେ ବିଦ୍ୟା ଲୋପ ପାଇବାକୁ ବସିଲାଣି । କିଛି ସମୟ ଆଗରୁ ଆମେ ଯାଇଥିବା ବର୍ଷ୍ଣୁରିକିଆ ଘରୁ ପାଟି ଶୁଭୁଥିଲା । ସେ ଘର ଭିତରକୁ ପଶି ଆସିଥିବା କେତୋଟି ଘୁଷୁରି ଛୁଆ ବିଛଣାରେ ପଡିଥିବା ରୋଗୀ ଉପରକୁ ଚଢି ଯାଇଥିଲେ ଏବଂ ସେମାନଙ୍କୁ ଜଣେ ତଡୁଥିଲା । ଇନ୍ଦ୍ର ସିକକା ଆମଠୁ ମୁକୁଳିବା ପାଇଁ ଚାହୁଁଥିଲେ । ଘରେ ତାଙ୍କ ପାଇଁ ଖାଇବା ବଢା ହୋଇଥିଲା ।

ସିର୍କାପାଡିରୁ ଫେରିବା ବେଳକୁ ଦିନ ଆହୁରି ଢେର୍ ବାକି ଥିଲା । ସେତେବେଳକୁ ମେଘ ଘୋଡେଇ ସାରିଥିଲା ଉପତ୍ୟକାକୁ । ସୁନ୍ଦରଯୋଡି ନଇ ଟପିବା ଆଗରୁ ଆଉ ଥରେ ଆମେ ପଛକୁ ବୁଲି ଚାହିଁଲୁ । ଦୂର ପାହାଡ ସବୁ ଧୂଆଁରେ ଘୋଡେଇ ହେବା ପରି ଦିଶୁଥିଲେ । ଚେଁ ଚାଁ ହୋଇ ଦଳେ ପାତିଶୁଆ ଯେମିତି ସିର୍କାପାଡି ଆଡକୁ ମୁହେଁଇଥିଲେ । ମୁନିଗୁଡାରେ ଆମର ସାକ୍ଷାତ ହୋଇଥିଲା ସ୍ଥାନୀୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଜଣେ ଯୁବନେତାଙ୍କ ସହିତ । ପ୍ରସଙ୍ଗ କ୍ରମେ ଅଧ୍ୟକ୍ଷ ମହୋଦୟ ଜଣେଇ ଥିଲେ ଯେ ଡଙ୍ଗରିଆ ରହୁଥିବା ଆଖପାଖ ୧୫/୨୦ ଗାଁରେ ୪୦ ରୁ ୫୦ ବର୍ଷ ଭିତରେ ପୁରୁଷଙ୍କ ସଂଖ୍ୟା କମ୍ । ୧୦/୧୧ ବର୍ଷ ତଳେ ଏ ଅଞ୍ଚଳରେ ଦେଖା ଦେଇଥିବା ଅଚିହ୍ନା ରୋଗରେ ମରିଥିଲେ ଅଧିକାଂଶ ଯୁବକ । ସେଇ ଦୃଷ୍ଟିରୁ ଡଙ୍ଗରିଆ ମାନଙ୍କର ଗାଁ ବିଧବାମାନଙ୍କର ଗାଁ । ନିକଟରେ ହୋଇଥିବା ୧୨ଟି ପଲ୍ଲୀସଭାରେ ଯେଉଁ ସାବାଳକମାନେ ଅଂଶଗ୍ରହଣ କରିଥିଲେ ସେଥିରୁ ଅଧିକାଂଶ ଥିଲେ ମହିଳା । ସ୍ଥାନୀୟ ଯୁବନେତାଙ୍କୁ ବେଦାନ୍ତ ତରଫରୁ ହାତକୁ ନିଆଯାଇଥିବା ଉନ୍ନୟନ କାର୍ଯ୍ୟକ୍ରମ ବାବଦରେ ପଚାରିଥିଲି । ସେ କହିଲେ ଯେ ଯଦି ତାଙ୍କୁ ମୁଁ ଦଳୀୟ କର୍ମକର୍ତ୍ତା ଭାବରେ ପଚାରୁଥାଏ ତେବେ ସେ କହିବେ, ବେଦାନ୍ତ ହେଉ । ମାଇନିଂ ହେଉ । କିନ୍ତୁ ଏକଥା ବି କହିଲେ ଯେ,

“ସ୍ଥାନୀୟ ବାସିନ୍ଦା ହିସାବରେ ମୋର ବ୍ୟକ୍ତିଗତ ମତ ହେଉଛି ଯେ ଝିଣ୍ଟିକା ମାରି ବଣି ପୋଷିବା ବନ୍ଦ ହେଉ । ବେଦାନ୍ତ ଆମ ଲୋକଙ୍କ ପାଇଁ ଏ ଯାଏଁ କଣ କରିଛି ?”

ହଁ, କେଇ ବର୍ଷ ଆଗରୁ ମୁନିଗୁଡା ଏବଂ ଲାଞ୍ଜିଗଡରେ ଯେଉଁ ଛୋଟମୋଟ ବ୍ୟବସାୟୀ ଏଠି ବେପାର ଚାଲିବନି କହି ସେମାନଙ୍କ ଡେରା ଉଠେଇନେବା ପାଇଁ ଯୋଜନା କରିଥିଲେ, ସେଇମାନଙ୍କ ପାଇଁ ବେଦାନ୍ତ ସୁନାମିରିଗ ହୋଇ ଆସିଲା । ପ୍ରକଳ୍ପରୁ ଲାଭବାନ୍ ହୋଇଛନ୍ତି ହାତଗଣତି କେତେଜଣ । ମୁଁ ପୁଣି ପଚାରିଲି, ଆଉ ବେଦାନ୍ତର ବହୁ ବିଜ୍ଞପିତ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ? ଯୁବନେତା ବିଦ୍ରୁପର ହସ ହସିଲେ । କହିଲେ, ଆପଣ କଳ କାରଖାନା ବା ଖଣି ବାବଦରେ ଯାହା ବି କହନ୍ତୁ, ଫାଇଦା ନେଇଛନ୍ତି ରାଜନୈତିକ ଦଳ । ହେଲେ ସେଥିରୁ ଡଙ୍ଗରିଆଙ୍କୁ କ’ଣ ମିଳିବ ଆଜ୍ଞା ? *

(ସମ୍ବାଦ, ସେପ୍ଟେମ୍ବର ୨୭, ୨୦୧୩)

" ଉପରି ସ୍ଥିତିକୁ ପ୍ରଳୟ ସଙ୍ଗରେ ମିଶାଇ କଲେ ଫେଡାଣ,
ଜ୍ଞାନ ଖୋଳୁଛିରେ .. ପ୍ରେମରେ ଲଗାଇ ଭକ୍ତି ଗୁଣ ଗାଇ ମିଶାଇବ ନିଜ ଧାମ .."

ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୮ ଦିନ ଚିକିତ୍ସା ପରେ ପୂର୍ଣ୍ଣମାସୀଙ୍କୁ ପୂର୍ବ ଅପେକ୍ଷା ଢେର୍ ଭଲ ଲାଗୁଥିଲା । ଥରେ ଡାକ୍ତରଖାନାରେ ମୁଁ ତାଙ୍କୁ କହିଲି, ଏଥର ପୁଣି ଆପଣ ଭଜନ ଗାଇବେ ! ପୂର୍ଣ୍ଣମାସୀ ହସିଲେ ।

(ସମ୍ବାଦ, ଜୁଲାଇ ୬, ୨୦୧୩)


# କନ୍ଧ ରାଜାର ଦେଶେ

ତା.୭/୨/୨୦୧୩ । ଗାଁ ରଙ୍ଗାପାରୁ । ବେଲଘର । ବ୍ଲକ୍ ତୁମୁଡିବନ୍ଧ । ଜିଲ୍ଲା: କନ୍ଧମାଳ । ବେଲଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଫେରୁଥିଲେ ମକ ମାଝୀ ଏବଂ ତାର ସ୍ତ୍ରୀ ଡୁଗୁରୀ । ବେକରେ ବନ୍ଧା ହୋଇଥିବା ଝୁଲାରୁ ବାହାରକୁ ଦିଶୁଥିଲା ଡୁଗୁରୀର କୁନି ଝିଅ ରଜନୀର ମୁହଁ । ମା କଙ୍କାଳ ପେଟରେ ଥିବା ମୁଣାରୁ ଦେଖା ଯାଉଥିବା ତା ଛୁଆର ମୁଣ୍ଡ ପରି । ରଙ୍ଗାପାରୁ ପାହାଡ ତଳେ ଆମେ ଭେଟିଥିଲୁ ସେମାନଙ୍କୁ, ଯେଉଁଠି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ତିଆରି ହେଉଥିଲା ପାଖାପାଖି ତିନି କିଲୋମିଟର ଏକ ମାଟି ରାସ୍ତା । ମକ ଭାରି ଉଦାସ ଦିଶୁଥିଲା । କୁଟିଆ କନ୍ଧଙ୍କ ଭାଷା ଅବିକଳ କୁଇ ନୁହେଁ । ଏହା ଏକ ସତନ୍ତ୍ର ଭାଷା । ଯାର ଲିପି ନାହିଁ । ଆମ ସହିତ ଥିବା ଗାଁ ସାଥୀ ସହାୟତାରେ ଜାଣିଲୁ ଯେ ଦୁଇଦିନ ହେଲାଣି ସେମାନେ ଫେରୁଛନ୍ତି ଡାକ୍ତରଖାନାରୁ । ଦୀର୍ଘଦିନ ଧରି ଡାକ୍ତର ନାହାନ୍ତି । ଆଜି ବହୁ କଷ୍ଟରେ ଦେଖା ମିଳିଥିଲା ଫାର୍ମାସିଷ୍ଟ ବାବୁଙ୍କର । ଇଞ୍ଜେକ୍ସନ୍ ସେ ଦେଇଛନ୍ତି ଟିକି ଝିଅକୁ । ୩-୪ ଦିନ ହେବ ଜ୍ୱର କମିବାର ନାଁ ଧରୁନି । ଝୁଲା ଭିତରୁ ସରୁ ହାତ ବାହାର କରି ମା'କୁ ଜାବୁଡି ଧରିବାକୁ ଚେଷ୍ଟା କରୁଥିଲା ଝିଅଟି ।

ରଙ୍ଗାପାରୁ ବେଲଘର ପଞ୍ଚାୟତରେ କୁଟିଆ କନ୍ଧମାନଙ୍କର ଏକ ବଡ ଗାଁ । ପ୍ରାୟ ୭୦ ଘର ରହନ୍ତି ଏଠି । ଜନସଂଖ୍ୟା ପାଖାପାଖି ୨୫୦ । ରଙ୍ଗାପାରୁ ସମେତ ବେଲଘର, ଗୁମା, ଏବଂ ବିଲାମାଳ ପଞ୍ଚାୟତର ଆଉ ୬୭ଟି ଗାଁ ରେ ଅଛନ୍ତି ଏମାନେ । କୁଟିଆ କନ୍ଧ ଏ ଅଞ୍ଚଳର ମୂଳ ଅଧିବାସୀ । ଓଡିଶାର ୧୩ ଟି ଆଦିମ ଅଧିବାସୀ ଗୋଷ୍ଠୀ । (ପିଟିଜି ) ଭିତରୁ ଗୋଟିଏ । ଏଇ ତାଲିକାରେ ଅନ୍ୟ ଜନଜାତିମାନେ ହେଲେ କନ୍ଧ, ଜୁଆଙ୍ଗ, ଖଡିଆ, ଲାଂଜିଆସଉରା, ଲୋଧା, ମାଙ୍କଡିଆ, ପାଉଡି ଭୂୟାଁ, ସଉରା, ଚୁକୁଟିଆ ଭୁଞ୍ଜିଆ,

ବିର୍ ହୋର୍ , ବଣ୍ଡା ଏବଂ ବିଦାୟି । କନ୍ଧମାଳରେ କୁଟିଆ କନ୍ଧଙ୍କ ଖାସ୍ ଉନ୍ନୟନ ପାଇଁ ୧୯୭୮ ରୁ ପ୍ରତିଷ୍ଠିତ ହୋଇଛି କୁଟିଆ କନ୍ଧ ଉନ୍ନୟନ ସଂସ୍ଥା । ଏଜେନ୍‌ସି ଅର୍ନ୍ତଗତ ମୋଟ ୬୮ଟି ଗାଁର ଭୌଗୋଳିକ ଆୟତନ ପାଖାପାଖି ୩୦୦ ବର୍ଗ କିମି । ପରିବାର ସଂଖ୍ୟା ୧୩୨୫ ଏବଂ ମୋଟ ଜନସଂଖ୍ୟା ୫୫୨୪ (ଉନ୍ନୟନ ସଂସ୍ଥାର ନିଜସ୍ୱ ସର୍ଭେ ଅନୁଯାୟୀ ୨୦୧୧ ସୁଦ୍ଧା) ସାକ୍ଷରତା ହାର- ୩୭% । ମହିଳା ସାକ୍ଷରତା ହାର- ୧୫% । ସମୁଦ୍ର ପତ୍ତନଠୁ ୨୨୨୫ ଫୁଟ ଉଚ୍ଚରେ ବେଲଘର ଏବଂ ଏହାର ଆଖପାଖ ଅଞ୍ଚଳର ପ୍ରାକୃତିକ ଶୋଭା ଅପୂର୍ବ । ସେଦିନ ପାଗ କୋହଲା ଥିଲା । ତେବେ କୁଟିଆ କନ୍ଧମାନଙ୍କ ଉପରେ ଏହାର କୌଣସି ପ୍ରଭାବ ନଥିଲା । ଜଙ୍ଗଲରୁ କାଠ ବିଡ଼ା ବୋହି ସ୍ୱାଭାବିକ ଭାବରେ ଗାଁକୁ ଫେରୁଥିଲେ କନ୍ଧ ରମଣୀ ।

ସଂସ୍କୃତି ଏବଂ ଚାଲିଚଳଣିକୁ ନେଇ ଡଙ୍ଗରିଆ କନ୍ଧ, କୁଟିଆକନ୍ଧ, ଦେଶିଆ କନ୍ଧଙ୍କ ଜୀବନ ଶୈଳୀ କେତେକାଂଶରେ ପୃଥକ୍, ତେବେ ଅନ୍ୟାନ୍ୟ ଜନଜାତି ମାନଙ୍କ ପରି କୁଟିଆକନ୍ଧମାନେ ବି ନିର୍ଭରଶୀଳ ଜଙ୍ଗଲ ଏବଂ ପାହାଡ ଉପରେ । ଅରଣ୍ୟ କେବଳ ଏମାନଙ୍କ ଖାଦ୍ୟ ସଂଗ୍ରହର ମାଧ୍ୟମ ନୁହେଁ, ଅରଣ୍ୟ ଏମାନଙ୍କ ଆଦିଭୂମି । ସାମାଜିକ ଜୀବନ, ଧର୍ମ ଏବଂ ଆଧ୍ୟାତ୍ମିକ ଚେତନା ସହିତ ସଂଯୁକ୍ତ ମୌଳିକ ସତ୍ତା । ରାଜ୍ୟର ୬୨ଟି ଜନଜାତିଙ୍କ ମଧ୍ୟରୁ କୁଟିଆକନ୍ଧ ସେଇ ବନ୍ଧନୀରେ ଅଛନ୍ତି ଯେଉଁଠି ସେମାନଙ୍କର ଜୀବନଶୈଳୀ ଆଧୁନିକତାର ପରିମାପରେ ଢେର୍ ପଛରେ ରହିଛି । ଭାରତରେ ଅଛନ୍ତି ୭୫ଟି ଆଦିମ ଜନଜାତି (ପିଟିଜି) ଯେଉଁମାନଙ୍କ ମୂଳ ସଂସ୍କୃତିର ସୁରକ୍ଷା ଏବଂ ଉନ୍ନୟନ ପାଇଁ ସତନ୍ତ୍ର ଯୋଜନା ହାତକୁ ନିଆଯାଇଛି- ପଞ୍ଚମ ଯୋଜନା କାଳରୁ । ୨୦୦୧ର ଜନଗଣନା ପରିସଂଖ୍ୟାନରେ ଓଡିଶାର ପାଞ୍ଚଟି ଆଦିମ ଗୋଷ୍ଠୀ ବାବଦରେ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । ସେମାନଙ୍କ ଭିତରେ ଅଛନ୍ତି କୁଟିଆକନ୍ଧ, ଡଙ୍ଗରିଆ କନ୍ଧ, ଲାଂଜିଆ ସଉରା, ଚୁକୁଟିଆ ଭୁଞ୍ଜିଆ ଏବଂ ପାଉଡି ଭୂୟାଁ । ରାଜ୍ୟରେ ଅନୁସୂଚିତ ଜାତିଙ୍କ ସଂଖ୍ୟା ବି କମି କମି ଚାଲିଛି । ୧୯୬୧-୭୧ରେ ଏମାନଙ୍କ ସ୍ଥିତି ରାଜ୍ୟ ମୋଟ ଜନସଂଖ୍ୟାର ୨୦.୦୮% ସ୍ଥଳେ ୧୯୭୧-୮୧ ରେ ଏହା ଥିଲା ୧୬.୬୨%, ୧୯୮୧-୯୧ରେ ୧୮.୮୯% ଏବଂ ୧୯୯୧-୨୦୦୧ ରେ ଏହା ପୁନଶ୍ଚ ହ୍ରାସ ପାଇଥିଲା ୧୫.୮୩ ପ୍ରତିଶତକୁ । ୨୦୦୭ରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ବେସ୍ ଲାଇନ୍ ସର୍ଭେ ମୁତାବକ ଆଦିମ ଜନଜାତିଙ୍କ ସଂଖ୍ୟା ଓଡିଶାରେ ପାଖାପାଖି ୭୯୦୦୦ । ସବୁଠୁ ସଂକଟଜନକ ସ୍ଥିତିରେ ବିର୍‌ହୋର୍ । ଏମାନଙ୍କ ସଂଖ୍ୟା ମାତ୍ର ୭୦୨ । ମାଙ୍କଡିଆଙ୍କ ସଂଖ୍ୟା ୧୦୫୦ । ସାକ୍ଷରତା ହାର ମଧ୍ୟ ଉତ୍ସାହଜନକ ନୁହେଁ ।



ଆମ ସହିତ ଥିଲେ କୁଟିଆକନ୍ଧ ଉନ୍ନୟନ ସଂସ୍ଥାର ସତନ୍ତ୍ର ପ୍ରକଳ୍ପ ଅଧିକାରୀ। ସେ କହିଲେ ଯେ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ମୁତାବକ କୁଟିଆ କନ୍ଧମାନଙ୍କ କ୍ଷେତ୍ରରେ ସାକ୍ଷରତା ହାର ୩୭% (ମହିଳାଙ୍କ କ୍ଷେତ୍ରରେ ଏହା ୧୫%)। ତେବେ ଯାର ପ୍ରମାଣ ଆମକୁ କାହିଁ ମିଳୁ ନଥିଲା। ରଙ୍ଗାପାରୁର ସବୁଠୁ ଅଧିକ ପଢ଼ିଥିବା ପିଲାଟି ଏବେ ଏବେ ମାଟ୍ରିକ୍ ପାସ୍ କରି ତୁମୁଡିବନ୍ଧ କଲେଜରେ ପଢୁଥିଲା। ପଞ୍ଚାୟତ ଅଫିସରୁ ଏନ୍‌ଆର୍‌ଇଜିଏ କାମ ମଜୁରୀ ବାବଦରେ ପାଉଥିବା ଚିରକୁଟରୁ ଅଧିକାଂଶ କିଛି ବୁଝି ପାରୁନଥିଲେ। ସେମାନଙ୍କ ଜବ୍ କାର୍ଡ, ଡାକଘର ଜମା ଖାତା ମୂଳରୁ ହିଁ ସେମାନଙ୍କ ପାଖରେ ନଥିଲା। ପନ୍ଦର ଦିନ ମଧ୍ୟରେ କାମର ମଜୁରି ମିଳିବାପାଇଁ ବ୍ୟବସ୍ଥା। ଥିଲେ ହେଁ ଏହାର ସଫଳ ପ୍ରୟୋଗ ଅନ୍ତତଃ ୭୦% କ୍ଷେତ୍ରରେ ହେଉ ନଥିଲା।

ବେଲଘରକୁ ସବୁଦିନିଆ ରାସ୍ତା ତ ପିଟିଥିଲା, ତେବେ ଦିନରେ ମାତ୍ର ବସ୍ ଆସୁଥିଲା ଥରେ। ଆଖପାଖ ଅଞ୍ଚଳରେ ବ୍ୟାଙ୍କ ସେବା ବୋଇଲେ କେବଳ ଗ୍ରାମ୍ୟ ବ୍ୟାଙ୍କଟିଏ ଥିଲା। ପୋଷ୍ଟମାଷ୍ଟରମାନେ ବ୍ରିଟିଶ୍ ଅମଳର ଉଦ୍ଧତ ହାକିମଙ୍କ ପରି ଏବେ ବି କୁଆଡେ ବ୍ୟବହାର କରୁଥିଲେ। "ଯା, ...ପନ୍ଦର ଦିନ ପରେ ଆସିବୁ। ଚିରକୁଟ ରଖିଥା ପାଖରେ। ଉପର ମୁଣ୍ଡରୁ ତୋ ଖାତାକୁ ଟଙ୍କା ଆସିନି"। ଏହାହିଁ ଥିଲା ବାସ୍ତବିକତା। ତେବେ ସବୁଠୁ ଦୁର୍ଭାଗ୍ୟପୂର୍ଣ୍ଣ ହେଉଛି, ଯେଉଁ କନ୍ଧମାନେ ଦି-ଅକ୍ଷର ପଢି ଶାସନର ଅଳିନ୍ଦ ଭିତରେ ପ୍ରବେଶ କରିବାର ସାମର୍ଥ୍ୟ ହାସଲ କରିଛନ୍ତି ବା କରୁଛନ୍ତି, ସେମାନଙ୍କ ଭିତରୁ ଅନେକ ରୀତିମତ ଆଖିବୁଜି ଦେଇଛନ୍ତି ପଛରେ ପଡିଥିବା ସେମାନଙ୍କ ପଡୋଶୀଙ୍କ ସ୍ୱାର୍ଥକୁ। ବୃହତ୍ତର ଅର୍ଥରେ ସାମୁହିକ ବିକାଶକୁ। ପ୍ରକଳ୍ପ ଅଧିକାରୀ କହିଲେ ଯେ କେବଳ ଏଇ ବର୍ଷ କୁଟିଆକନ୍ଧମାନଙ୍କ ଉନ୍ନୟନ ପାଇଁ ଖର୍ଚ୍ଚ ଅଟକଳ ରହିଛି ୯୦ ଲକ୍ଷ ଟଙ୍କା। ବର୍ଷ ବର୍ଷ ଧରି ଏଜେନ୍‌ସି ମାଧ୍ୟମରେ ସରକାର ଯୋଗେଇ ଦେଉଛନ୍ତି ଚାଷ ପାଇଁ ମଞ୍ଜି, ବିହନ, ସାର ଏବଂ କୃଷି ସରଞ୍ଜାମ। କଂକ୍ରିଟ୍ ରାସ୍ତା ତିଆରି ହେଉଛି। ପାନୀୟ ଜଳ ଯୋଗେଇ ଦିଆଯାଉଛି, ସ୍ୱାସ୍ଥ୍ୟ ଶିବିର ମାନ ନିୟମିତ ଆୟୋଜିତ ହେଉଛି , ମାଗଣାରେ ଔଷଧ ଦିଆଯାଉଛି, କଲଭର୍ଟ ତିଆରି ହେଉଛି, କୁଟିଆକନ୍ଧ ରହୁଥିବା ଗାଁ ମାନଙ୍କୁ ସୌର ଲଣ୍ଠନ ଦିଆଯାଉଛି। ଏହାବାଦ୍ ସରକାର ଯୋଗାଇ ଦେଉଛନ୍ତି ଇନ୍ଦିରା ଆବାସ- ମୋ କୁଡିଆ ଯୋଜନାରେ ପକ୍କା ଘର। ପାଞ୍ଚ ଛ'ଟି ଗାଁ ବୁଲିଲା ଭିତରେ ଗଢା ସରିଥିବା ଇନ୍ଦିରା ଆବାସ କାଁ ଭାଁ ଆଖିରେ ପଡିଥିଲା। ଏ ଅଞ୍ଚଳର ଆଦିବାସୀମାନେ ଆଗପରି ପୋଡୁ ଚାଷ କରୁଥିଲେ। ହଳଦୀ, କାନ୍ଦୁଲ ଲଗାଉଥିଲେ ଏବଂ ଜଙ୍ଗଲରୁ କନ୍ଦା ବି ଖୋଳୁଥିଲେ। ଜୀବଜନ୍ତୁ ଜଙ୍ଗଲରେ ଢେର୍ କମିଯିବା ପରେ ବି ମଝିରେ ମଝିରେ ଶିକାର କରୁଥିଲେ। ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ଆଦୌ ଭଲ ନଥିଲା।

ସକଳ ସରକାରୀ ଚିକିତ୍ସା କାର୍ଯ୍ୟକ୍ରମ ବାଦ୍ ବି ମ୍ୟାଲେରିଆର ପ୍ରକୋପ ଏଠି ହ୍ରାସ ପାଇ ନ ଥିଲା । ଥରେ ଥରେ ଭୟଙ୍କର ଆନ୍ତ୍ରିକ୍ସ ଖବର ବି ସମ୍ବାଦପତ୍ରରେ ପ୍ରକାଶ ପାଉଥିଲା, ଯଦିଓ ଡାକ୍ତରମାନେ ଯାକୁ ଅନ୍ୟ କିଛି କହି ବାଁରେଇ ଦେଉଥିଲେ । ଥରେ କୌଣସି ରାସ୍ତା କାମ ଆରମ୍ଭ ହେଲେ ସହଜରେ ସରୁ ନଥିଲା । ପଚାରିଲେ ଉତ୍ତର ମିଳୁଥିଲା ଯେ ଲୋକେ କାମ କରିବାକୁ ନାରାଜ । ପର୍ବପର୍ବାଣି, ଯାନି ଯାତ୍ରାରେ ବ୍ୟସ୍ତ । କାତୁଲ୍ ପୂଜା, ଶିମ୍ ପୂଜାରେ ମାତିଛନ୍ତି । ମହୁଲି ଆଉ ସଲପ ପିଇ ମାତାଲ । ଡାକ୍ତରୀ ଚିକିତ୍ସା ଉପରେ ଏମାନଙ୍କର ବିଶ୍ୱାସ ଯେତିକି ନାହିଁ, ସେତିକି ଅଛି ଜାନି-ଦେହୁରୀ ଉପରେ । ପୂଜା ପଦ୍ଧତିରେ । ଅନ୍ଧ ବିଶ୍ୱାସରେ । ବଳିରେ । ବିଶ୍ୱାସ କରାଯାଏ ଯେ, ଏମାନଙ୍କର ଭୀଷଣ ଭୟ ଦେବତାମାନଙ୍କ ଅଭିଶାପକୁ/ କ୍ରୋଧକୁ ଏବଂ ବାଘକୁ । ମହିଳାମାନେ ମୁହଁରେ କୁଟେଇଥିବା ଚିତାର ଜ୍ୟାମିତିକ ସାମଞ୍ଜସ୍ୟ ରହିଛି ବାଘର ନିଶ ସହିତ । ଆଉ ମୃତ୍ୟୁ ପରେ ଏଇ ଖାସ୍ ଚିହ୍ନ ହିଁ (ପରଲୋକରେ) ସେମାନଙ୍କ ପରିଚୟକୁ ସୂଚେଇ ଥାଏ ।

ପ୍ରକଳ୍ପ ଅଧିକାରୀ ହାର ମାନିବା ଲୋକ ନଥିଲେ । ସେ କହିଲେ, ଆଜ୍ଞା, କନ୍ଧ ରମଣୀମାନେ ଆଉ ଏବେ ମୁହଁରେ ଚିତା କୁଟଉ ନାହାଁନ୍ତି । ଜଙ୍ଗଲରେ ଆଉ ବାଘ ବି କାହିଁ ? ଏବେ ତ ଏସବୁ ଗାଁ ରେ ପାଠଶାଠ ପଢି ଝିଅମାନେ ଜିନ୍ସ ପିନ୍ଧିଲେଣି.. ଇଏ କଣ ପ୍ରଗତି ନୁହେଁ ? କେଇ ମାସ ତଳେ କୁଟିଆ କନ୍ଧ ଲୋକ କାହାଣୀ ଉପରେ ଆଧାରିତ (ପୁନର୍କଥିତ) ବହିଖଣ୍ଡେ ପଢିଥିଲି । 'ସେବା ଭାରତୀ' ଦ୍ୱାରା ପ୍ରକାଶିତ ଏଇ ବହିଟି ଲେଖିଛନ୍ତି ବାସନ୍ତୀ ମାଝୀ । ବାସନ୍ତୀ ନିଜେ କନ୍ଧ (କୁଟିଆ ) ମହିଳା । ଗାଁ- ଦେଶୁଘାଟି, ବ୍ୟକ୍ତିଗତ ଜୀବନରେ ତାଙ୍କର ସଂଗ୍ରାମ ସରି ନାହିଁ । ଏଣେ ପାରଂପରିକ ଶିକ୍ଷା ବୋଇଲେ କୌଣସି ସ୍କୁଲର ମାଟି ସେ ମାଡି ନାହାଁନ୍ତି । ତଥାପି ସେ ଆମକୁ ଶୁଣେଇଛନ୍ତି ଚମତ୍କାର ଲୋକକଥା । ମୋଟ ୩୮ଟି ଗପ । କୁଟିଆ କନ୍ଧମାନଙ୍କ ବିଶ୍ୱାସ ଏବଂ ଜୀବନଚର୍ଯ୍ୟାକୁ ଉପଜୀବ୍ୟ କରି ସଙ୍କଳନରେ ସ୍ଥାନିତ ଗୋଟିଏ ଗପ ହେଉଛି, ଏଦ୍ରୁଡିସାଓ୍ୱାଣ୍ଡି । କୁଟିଆକନ୍ଧ ଭାଷାରେ ଯାର ମୁକ୍ତ ଅନୁବାଦ-ଚିନ୍ତାରେ ମୃତ୍ୟୁ !

ଏବେ ସଂକ୍ଷେପରେ ଶୁଣନ୍ତୁ ଗପଟି । ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ରାଜାଙ୍କର ପିଲାପାତି କହିଲେ ପୋଷ୍ୟ ପୁଅଟିଏ ଥାଏ । କିନ୍ତୁ ଅଧିକ ଧନ ଉପାର୍ଜନ ପାଇଁ ରାଜାଙ୍କର ବରାବର୍ ଥାଏ ଉଚ୍ଚାଭିଳାଷ । ଦିନେ ରାଜା ହାଟକୁ ଗଲେ । ଦୋକାନୀମାନେ କେମିତି ଏତେ ପଇସା ଲାଭ କରୁଛନ୍ତି, ସେସବୁ ବୁଝି ନିଜ ଟିପା ଖାତାରେ ଟିପି ପକାଇଲେ । ତେଣିକି ଆରମ୍ଭ ହେଲା କନ୍ଧ ରାଜାଙ୍କ ଯୋଜନା । କେମିତି ବାଡି ବଗିଚା ହେବ, ପନିପିରବା ଦୋକାନ ହେବ, ଲୁଗା ଦୋକାନ ଖୋଲିବ, ମାସ ମାସ ରାଜା ଯୋଜନା ଚିନ୍ତାରେ ବୁଡି ରହିଲେ । ରାଜା ନିଜ ରାଣୀ ଓ ରାଜପୁତ୍ରଙ୍କ ଆଗରେ ସବୁଦିନ

ସକାଳେ, ସନ୍ଧ୍ୟାରେ ଟିପା ଖାତାରୁ ଯୋଜନା ତାଲିକା ପଢୁଥାନ୍ତି । ହେଲେ ବାସ୍ତବରେ କୌଣସି ଗୋଟିଏ ଯୋଜନା ମାଟି ଉପରକୁ ଉତୁରୁ ନଥାଏ । କ୍ରମେ ଯୋଜନା ଚିନ୍ତାରେ ମସ୍ତ ରାଜା ନିଜ ଉପରୁ ନିୟନ୍ତ୍ରଣ ହରେଇ ରାଣୀ ଏବଂ ରାଜପୁତ୍ର ଉଭୟଙ୍କୁ ମାରିଦେଲେ । ଶେଷରେ ଯୋଜନା ଚିନ୍ତାରେ ଘାରି ହୋଇ ନିଜେ ବି ମୃତ୍ୟୁ ମୁଖରେ ପଡିଲେ ।


ବେଲଘରକୁ ଫେରିବା ବେଳକୁ ସନ୍ଧ୍ୟା ହୋଇ ଆସୁଥିଲା । ଦୂର ପାହାଡ ଏବଂ ଜଙ୍ଗଲ ସବୁ ଧୂଆଁରେ ଘୋଡେଇ ହେବା ପରି ଦିଶୁଥିଲେ । ମନେ ହେଲା ଯେମିତି କନ୍ଧରାଜାଙ୍କ ଯୋଜନା ପରି ଆମ ଯୋଜନାଗୁଡାକ ବି ରୀତିମତ ଟିପାଖାତାରେ/ପ୍ରୋଜେକ୍ଟ ରିପୋର୍ଟରେ ରହିଯାଇଛି । ମଟାଳ ରାସ୍ତା ଉପରକୁ ଓହ୍ଲେଇବା ତଥାପି ବାକି ଅଛି । ପାଖରେ ଏକ ବୋର୍ଡରେ ଯୋଜନା ରୂପାୟନର ପରିସଂଖ୍ୟାନ ତଥ୍ୟ ଥିଲା ଏମିତି: କୁଟିଆ କନ୍ଧ ଉନ୍ନୟନ ସଂସ୍ଥା: ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା: ୨୦, ଆବାସିକ ସେବାଶ୍ରମ: ୧, ଆଶ୍ରମସ୍କୁଲ: ୨, ସରକାରୀ ଡାକ୍ତରଖାନା ଏବଂ ଉପ ସାସ୍ଥ୍ୟ କେନ୍ଦ୍ର: ୧ + ୩ = ୪ । ମକ ମାଝୀ ଏବଂ ତା ଟିକି ଝିଅ କଥା ମନେ ପଡିଲା । ଜ୍ୱର ଓହ୍ଲେଇଲା ନା ନାହିଁ ? *

(ସମ୍ବାଦ, ମାର୍ଚ୍ଚ ୭, ୨୦୧୩)

## ଲଙ୍କାଗଡ଼କୁ ରାସ୍ତା କାହିଁ ?

ତା.୧୭/୦୩/୨୦୧୪ । ଆଜି ହୋଲି । ସକାଳୁ ସକାଳୁ ଫୁଲବାଣୀରୁ ଲଙ୍କାଗଡ ବାହାରିଥିଲୁ । ମୋ ସହିତ ଥିଲେ ଗ୍ରାମ୍ୟ ଉନ୍ନୟନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଏବଂ ଏସ୍.ଡି.ଓ. । ଲଙ୍କାଗଡ ତୁମୁଡିବନ୍ଧ ବ୍ଲକ୍‌ର ଏକ ଦୁର୍ଗମ ଗ୍ରାମ ପଞ୍ଚାୟତ । ଫୁଲବାଣୀରୁ ପାଖାପାଖି ୧୪୦ କିଲୋମିଟର ରାସ୍ତା । ପ୍ରଶାସନ ପାଖରେ ଖବର ପହଞ୍ଚିଥିଲା ଯେ ଆସନ୍ତା ନିର୍ବାଚନରେ ପଞ୍ଚାୟତବାସୀ ସମୂହ ଭୋଟ ବର୍ଜନ କରିବେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଲଡାରଗାଁ ଠାରୁ ଲଙ୍କାଗଡକୁ ନିର୍ମାଣାଧୀନ ସଡକ ୨୦୦୮ ରୁ ଆରମ୍ଭ ହୋଇଥିଲେହେଁ ଏ ଯାଏଁ ସରୁନି । ପଞ୍ଚାୟତବାସିନ୍ଦା ବର୍ଷକ ଭିତରେ ୩ ଥର ଜାତୀୟ ରାଜପଥ (ନଂ.୫୯) ଅବରୋଧ କରି ସଡକ ବାବଦରେ ଠୋସ୍ ଜବାବ୍ ଦାବୀ କରିଥିଲେ । ଆଶ୍ୱାସନା ମିଳିଥିଲା- କାମ ଶୀଘ୍ର ସରିବ ।

ଲଙ୍କାଗଡ ବିକାଶ ମଞ୍ଚର ଆବାହକ ୨୦୧୪ ସାଧାରଣ ନିର୍ବାଚନ ବର୍ଜନ ସମ୍ପର୍କରେ ଆମକୁ ଲେଖିଥିବା ଚିଠିଟି ଥିଲା ଏମିତି । "ଆମ୍ଭେ ଲଙ୍କାଗଡ ଗ୍ରାମ ପଞ୍ଚାୟତବାସୀ, ଥାନା ବେଲଘର, ତହସିଲ୍ ତୁମୁଡିବନ୍ଧ, ଜିଲ୍ଲା- କନ୍ଧମାଳ ଲେଖି ଜଣାଇବାର ଅଭିପ୍ରାୟ ଏହିକି ଯେ, ଆମର ଏହି ପଞ୍ଚାୟତଟି ଆଦିବାସୀ ଅଧ୍ୟୁଷିତ ପାହାଡ ପର୍ବତ ଘେରା ଦୁର୍ଗମ ଅଞ୍ଚଳରେ ଅବସ୍ଥିତ । ପଞ୍ଚାୟତରେ ଅନ୍ତର୍ଭୁକ୍ତ ୩୭ଟି ରାଜସ୍ୱ ଗ୍ରାମ ଏବଂ ୫୫ଟି ପଡା ଗାଁ । ଦେଶ ସାଧୀନତାର ୬୭ ବର୍ଷ ବିତିଯାଇଥିଲେ ମଧ୍ୟ ଆମ ଗ୍ରାମ ପଞ୍ଚାୟତରୁ ତୁମୁଡିବନ୍ଧକୁ ଯିବାଆସିବା କରିବାପାଇଁ ସବୁଦିନିଆ ରାସ୍ତା ଖଣ୍ଡିଏ ନାହିଁ । ୨୦୦୮ରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଆରମ୍ଭ ହୋଇଥିବା ୧୧.୨୮ କିଲୋମିଟର ରାସ୍ତା କାମ ଅଧାଅଧି ବି ହୋଇନାହିଁ । ଅତିବେଶିରେ ପିଚୁ ରାସ୍ତା ୩ କି.ମି.



ପର୍ଯ୍ୟନ୍ତ ହୋଇଛି । ଉକ୍ତ କାର୍ଯ୍ୟର ଅଗ୍ରଗତି ନିମନ୍ତେ ମଣ୍ଡଳ ଉନ୍ନୟନ ଅଧିକାରୀ, ତୁମୁଡିବନ୍ଧଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ପର୍ଯ୍ୟନ୍ତ ଅବଗତ କରାଯାଇଥିଲେ ହେଁ କୌଣସି ଫଳ ମିଳିନାହିଁ । ରାସ୍ତା ନଥିବାରୁ ସରକାରଙ୍କ ଉନ୍ନୟନ କାର୍ଯ୍ୟ ସଠିକ୍ ଭାବେ ସମ୍ପାଦନ ହୋଇପାରୁନାହିଁ । ମହାଭାଗ, ରାସ୍ତା ନ ହେବାର ପ୍ରତିବାଦରେ ଆମେ ସାରା ପଞ୍ଚାୟତବାସୀ ସାଧାରଣ ନିର୍ବାଚନ-୨୦୧୪କୁ ସମୂହ ଭାବେ ବର୍ଜନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତି ନେଇଛୁ" । ଦରଖାସ୍ତରେ ଦସ୍ତଖତ ଥିଲା ଆବାହକଙ୍କ ବ୍ୟତୀତ ୧୭୬ ଜଣ ଗ୍ରାମବାସୀଙ୍କର ।

ତୁମୁଡିବନ୍ଧରୁ ଗଲାବେଳେ ବିଡିଓଙ୍କୁ ଆମେ ସାଙ୍ଗରେ ନେଇଥିଲୁ । ସେ ଯିବା ପାଇଁ ପ୍ରସ୍ତୁତ ନଥିଲେ । କହିଲେ, ଆଉ କେତେଥର ଆଶ୍ୱାସନା ଦିଆଯିବ ! ଯେଉଁ ଠିକାଦାର କାମ ନେଇଛନ୍ତି, ତାଙ୍କୁ ବାରମ୍ବାର କହିଲେ କିଛି ଲାଭ ହେଉନି । ଏ ସମ୍ପର୍କରେ ଆମେ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିଥିଲୁ । ସେ ମହାଶୟ କନ୍ଧମାଳ ଜିଲ୍ଲାକୁ କେଇମାସ ତଳେ ବଦଳି ହୋଇ ଆସିଥିଲେ । ସମାନକଥା ସେ କହିଲେ । ଓ.ଆର୍. ୨୫୬୦-ପି.ଏମ୍.ଜି.ଏସ୍.ୱାଇ. ପ୍ୟାକେଜ୍‌ରେ ଲଡାରଗାଁ ଠାରୁ ଲଙ୍କାଗଡ ପର୍ଯ୍ୟନ୍ତ ୧୧.୨୮ କି.ମି. ଦୀର୍ଘ ରାସ୍ତାର ଖର୍ଚ୍ଚ ଅଟକଳ ଥିଲା ୫.୯୦ କୋଟି । ବଲାଙ୍ଗିରର ଯୋଉ ଠିକାଦାର ସଂସ୍ଥା ଏ କାମ ହାତକୁ ନେଇଛି, ସେ ଆଉ କିଛି ଶୁଣିବାପାଇଁ ପ୍ରସ୍ତୁତ ନୁହେଁ । ଅହେତୁକ ବିଳମ୍ବ ପାଇଁ ଠିକାଦାର ବାହାନା ଦେଖାଉଛନ୍ତି ଯେ ଘାଟିରେ ମାଓବାଦୀ ସେମାନଙ୍କୁ ଡରଉଛନ୍ତି । ଗାଁ ବାଲା ଲେବର କ୍ୟାମ୍ପ ଭାଙ୍ଗି ଜିନିଷପତ୍ର ଚୋରି କରୁଛନ୍ତି । ମୂଳ ପ୍ୟାକେଜ୍‌ରେ ଯାହା କାମଥିଲା ପରେ ସେ ସବୁଠୁ ଢେର୍ ଅଧିକ କାମ ହୋଇଛି । ପାହାଡ ଜଙ୍ଗଲରେ ଭୂସ୍ଖଳନ ହୋଇ ରାସ୍ତାକଡରେ ତିଆରି ହୋଇଥିବା ଡ୍ରେନ୍ ଓ ଗାର୍ଡୱାଲ୍ ଭୁସୁଡି ପଡୁଛି । ଅର୍ଥାତ୍, ଠିକାଦାର ସଂସ୍ଥା ବରାବର କ୍ଷତିରେ ଚାଲୁଛି । ଆମେ ଦେଖିଲୁ, ୧୧ କି.ମି. ରାସ୍ତାରୁ ପ୍ରଥମ ୩ କି.ମି. ଯାହା ଭଲଥିଲା । ତାପରେ ରାସ୍ତା ତିଆରି ହୋଇନଥିଲା । ଘାଟି ଠିକ୍‌ଠାକ୍ କଟା ହୋଇନଥିଲା । ମୋଟ ୪୩ଟି କଲଭର୍ଟରୁ ଅଧାପନ୍ତରିଆ କାମ ସରିଥିଲା ମାତ୍ର ୧୬ଟି କଲଭର୍ଟର । ରାସ୍ତାକଡରେ ତିଆରି ହୋଇଥିବା ଗାର୍ଡୱାଲ୍‌ର ଅନେକାଂଶ ଭାଙ୍ଗି ସାରିଥିଲା । ଆମ ସହିତ ଥିବା ଜଣେ ଭଦ୍ରବ୍ୟକ୍ତି କହିଲେ ଯେ ଏସବୁ ଗାର୍ଡୱାଲ୍ କୌଣସି ରାଜମିସ୍ତ୍ରୀ କରି ନାହାନ୍ତି । ଜଣେ ରୋଲର୍ ଡ୍ରାଇଭର୍‌ର ହେଲ୍‌ପର୍ କରିଛି ।

ନିର୍ବାହୀ ଯନ୍ତ୍ରୀଙ୍କ ମୁହଁକୁ ଚାହିଁଲୁ । ଭଦ୍ରବ୍ୟକ୍ତିଙ୍କ ଉତ୍ତରରେ ଆପାତତଃ ସନ୍ତୁଷ୍ଟ ଥିଲାପରି ସେ ଜଣା ପଡୁଥିଲେ । ପ୍ରାୟ ୫କି.ମି. ଯିବାପରେ ଗାଡିରୁ ଓହ୍ଲାଇବାକୁ ପଡିଲା । ଘାଟିକାଟିବା କାମ ଏତେ ଖରାପ ହୋଇଥିଲା ଯେ ଜିପ୍ ବି ସେ ରାସ୍ତା ମୋଡରେ ବୁଲିବା ସହଜ ନଥିଲା । କିଛି ବାଟ ଆମେ ଚାଲି ଚାଲି ଯାଇଥିଲୁ । ଦୂର ପାହାଡସବୁ ଘାଟିରୁ ଅପୂର୍ବ

ମନେ ହେଉଥିଲେ । କାଁ ଭାଁ ଗୋଟିଏ ଯୋଡିଏ ମଟର ସାଇକେଲ୍‌କୁ ଛାଡିଦେଲେ ସେ ରାସ୍ତା ଏକ୍‌ଦମ୍ ଶୁନ୍‌ଶାନ୍ ଥିଲା । ପବନରେ ବାଉଁଶ ଘଷି ହୋଇ କଁ କଁ ଶବ୍ଦ ଯାହା ନିର୍ଜନତା ଭାଙ୍ଗିବା ପାଇଁ ଚେଷ୍ଟା କରୁଥିଲା । ଖରା ଟାଣ ଥିଲା, କିନ୍ତୁ ଥଣ୍ଡା ପବନ ବହୁଥିଲା । ସମୁଦ୍ର ପତ୍ତନଠୁ ସେତେବେଳକୁ ପ୍ରାୟ ୧୦୦୦ ଫୁଟ ଉଚ୍ଚରେ ଆମେ ଥିଲୁ ।

ତୁମୁଡିବନ୍ଧରୁ ଲଙ୍କାଗଡରେ ପହଞ୍ଚିବାପାଇଁ ଆମକୁ ପାଖାପାଖି ଦେଢଘଣ୍ଟା ଲାଗି ଯାଇଥିଲା (୧୫ କି.ମି. ରାସ୍ତା) । ପଞ୍ଚାୟତ ଅଫିସରେ ଆମକୁ ଅପେକ୍ଷା କରି ବସିଥିଲେ ସରପଞ୍ଚ ସଂସାରୀ ପାତ୍ର, ସମିତି ସଭ୍ୟ ଧନୁର୍ଜ୍ଜୟ ପ୍ରଧାନ, ଅଡିନେସି ନାଏକ, ଅଭିମନ୍ୟୁ ନେସି ନାଏକ ଏବଂ ଏମାନଙ୍କ ସହିତ ଲଙ୍କାଗଡ ବିକାଶ ମଞ୍ଚର ଆଉ ୭୦/୮୦ ଲୋକ । ସେତେବେଳକୁ ପ୍ରସ୍ତେ ହୋଲି ଖେଳ ସରିଯାଇଥିଲା ଗାଁ ଦାଣ୍ଡରେ । ସମସ୍ତଙ୍କ ମୁହଁରେ ରଙ୍ଗ ଲାଗିଥିଲା ଏବଂ ସେମାନେ ଖୁସିଥିଲେ । ପ୍ରକୃତରେ କାହାର ବିଶ୍ୱାସ ନଥିଲା ଯେ ହୋଲିରେ ନିଜକଥା ରକ୍ଷାକରି ଗାଁରେ ଆମ୍ଭେ ପହଞ୍ଚିବୁ । ଲଙ୍କାଗଡରେ ଫୋନ୍ ଧରୁ ନଥିଲା । ପଞ୍ଚାୟତର ସବୁ ଗାଁକୁ ଏକମାତ୍ର ସଂଯୋଗ ଥିଲା ଏଇ ରାସ୍ତା । ଥରେ ବର୍ଷାଦିନ ଆରମ୍ଭ ହେଲେ ପଞ୍ଚାୟତବାସୀ ତୁମୁଡିବନ୍ଧରେ ପହଞ୍ଚିବାପାଇଁ ଢେର୍ ଅସୁବିଧାର ସମ୍ମୁଖୀନ ହେଉଥିଲେ । ପି.ପି.ପି.(ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍) ମୋଡ୍‌ରେ ଚାଲିଥିବା ଲଙ୍କାଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନନୀ ଏକ୍ସପ୍ରେସ୍ ଗାଡି ଅବଶ୍ୟ ଥିଲା, କିନ୍ତୁ ବର୍ଷାଦିନେ ଥରେ ଘାଟି ରାସ୍ତା କଟି ଯିବା ପରେ ଆରପାଖକୁ ଯିବା ସମ୍ଭବ ହେଉନଥିଲା । ସମିତି ସଭ୍ୟ କହିଲେ, ଲଙ୍କାଗଡରୁ ଉଲ୍ଲାଦାନୀ ଦେଇ (ମଦନପୁର-ରାମପୁରବ୍ଲକ୍, ଜିଲ୍ଲା କଳାହାଣ୍ଡି) ତୁମୁଡିବନ୍ଧରେ ପହଞ୍ଚିବା କଷ୍ଟକର । ଏକଦମ୍ କାଦୁଆ ରାସ୍ତା ଏବଂ ଉତେଇ ନଈ- ଏଠୁ ବର୍ତ୍ତିଲେ କେହି ଡାକ୍ତରଖାନାରେ ଯାଇ ପହଞ୍ଚିବ । ଭିଡ ଭିତରୁ ୪/୫ ବର୍ଷର ଗୋଟେ ଛୋଟ ପିଲାକୁ ଆମ ପାଖକୁ ଆଣି ଯକ୍ଷ ନାଏକ କହିଲେ, ଆଜ୍ଞା, ଏ ଛୁଆ ଘାଟିରେ ଜନ୍ମ ହେଇଥିଲା । ଖରାଦିନ ଥିଲା । କିନ୍ତୁ ରାସ୍ତା ଏତେ ଖରାପ ଥିଲା ଯେ ଗାଡି ଆଉ ସ୍ପିଡ୍‌ରେ ଯାଇ ପାରିଲା ନାହିଁ ।

ଘାଟି ଜଙ୍ଗଲରୁ ବାଉଁଶ ପାତିଆ ସଂଗ୍ରହ କରି ଏ ପିଲାର ନାହି କଟା ଯାଇଥିଲା, ସେଇ ଘାଟିରେ । କଥାବାର୍ତ୍ତା ଭିତରେ ଭୋଟ ଦେବା ପାଇଁ ଆମେ ଗାଁ ବାଲାଙ୍କୁ ବୁଝାଉଥିଲୁ । କିନ୍ତୁ ସେମାନଙ୍କ ପାଲଟା ପ୍ରଶ୍ନର ଉତ୍ତର ଦେବାପାଇଁ ଆମର ସାହସ ନଥିଲା । ବର୍ଷାଦିନେ ରାସ୍ତା କଟି ଯାଉଥିବାରୁ ପି.ଡି.ଏସ୍. ଚାଉଳ ଚତୁର୍ମାସ୍ୟା ପୂର୍ବରୁ ଏ ପଞ୍ଚାୟତରେ ଗଚ୍ଛିତ ରଖା ଯାଉଥିଲା । ନିୟମିତ ଭାବରେ ଛତୁଆ ପହଞ୍ଚି ପାରୁନଥିଲା । ଇଲାକା ମାଓପ୍ରବଣ ହୋଇଥିବାରୁ ସରକାରୀ ଅଫିସରମାନେ ଗସ୍ତ କରିବା ନେଇ କଟକଣା ବି ରହିଥିଲା । ନଳକୂଅ ଥିଲା, କିନ୍ତୁ ଠିକ୍ ସମୟରେ ମରାମତି ହୋଇପାରୁ ନଥିଲା । ଡାକ୍ତରଖାନା ଛାତ ଆଁ ମେଲେଇ ରହିଥିଲା । ମରାମତି ହୋଇପାରୁ ନଥିଲା । ଘାଟି ଦେଇ ଆସିଥିବା ବିଦ୍ୟୁତିଖମ୍ବ

କୌଣସି କାରଣରୁ ଭାଙ୍ଗିଗଲେ ବା ତାର ଛିଣ୍ଡିଗଲେ ସଜାଡିବା ପାଇଁ ୧୫ ଦିନରୁ କମ୍ ଲାଗୁ ନଥିଲା । ଗାଁ କୁ ଫୋନ୍ ବ୍ୟବସ୍ଥା ନଥିଲା । ତେବେ ଏସବୁ ପାଇଁ ପଞ୍ଚାୟତବାସୀ ଏତେ ଚିନ୍ତିତ ନଥିଲେ, ଯେତିକି ଥିଲେ ରାସ୍ତା ପାଇଁ ।

ଅଡିନେସି ନାଏକଙ୍କ ପାଚିଲା ଦାଢିରେ ସବୁଜ ଅବିର ଚମତ୍କାର ଦିଶୁଥିଲା । ସେ କହିଲେ, "ବାପା ଜେଜେ ଅମଳରୁ ମୁଁ ଦେଖିବାରେ ଆମେ ଭୋଟ ଦେଉଛୁ । ଯେତେବେଳେ ଏ ପ୍ରଧାନମନ୍ତ୍ରୀ ରାସ୍ତା ତିଆରି ଆରମ୍ଭ ହୋଇନଥିଲା, ଆମେ ପଞ୍ଚାୟତବାସୀ ମହୁଲ ବିକି ଚାନ୍ଦା ଆଦାୟ କରୁଥିଲୁ । ରାସ୍ତା ମରାମତି କରୁଥିଲୁ । ଏବେ ସରକାରୀ ରାସ୍ତାକୁ ଅପେକ୍ଷା କରି କରି ଆମ ଆଖିରୁ ପାଣି ମଲାଣି । ମୋ ପିଲା ଦିନୁ ମୁଁ ଦେଖୁଛି-ଏ ରାସ୍ତା ଏମିତି ଅଛି । ଘରେ ଚାଉଳ ନାହିଁ, ରହିବାକୁ କୁଡିଆ ନାହିଁ, ଡାକ୍ତରଖାନାରେ ଡାକ୍ତର ନାହିଁ, ଏଥିରେ ଆମର ଦୁଃଖ ନାହିଁ । କିନ୍ତୁ ହାଟବାଟ କରିବାପାଇଁ, ଲୁଣ-ଧୂଆଁ କିଣିବା ପାଇଁ ସବୁଦିନିଆ ରାସ୍ତା ଖଣ୍ଡେ ସର୍କାର ଆମପାଇଁ ଫିଟାଇଲେ ନାହିଁ , ଏ ଦୁଃଖ ମୋର ରହିଗଲା ।"

ଅଭିମନ୍ୟୁ କହିଲେ, "୩୦ ବର୍ଷରୁ ଅଧିକ ସମୟ ଧରି ଆମ ଜଙ୍ଗଲରୁ ଜେ.କେ. କାଗଜକଳ ବାଉଁଶ ନେଉଛି । ୧୯୮୪-୮୫ ରେ ଆମେ କାଗଜକଳବାଲାଙ୍କୁ ଅନୁରୋଧ କରିଥିଲୁ ଯେ ଏ ରାସ୍ତାରେ ଗାଡିରେ ଲଦି ବାଉଁଶ ନେଉଛ, ଆମପାଇଁ ରାସ୍ତା ହେଲେ କରିଦିଅ । ଆଜ୍ଞା, ସେତେବେଳେ କାଗଜକଳରୁ ପାର୍ମାର୍ ସିଂ ବୋଲି ଜଣେ ବାବୁ ଆସୁଥିଲେ । ଆମକୁ ପ୍ରତିଶ୍ରୁତି ଦିଆଗଲା ଯେ ୫/୬ ମାସ ଭିତରେ ଘାଟି ରାସ୍ତା ମରାମତି ହେବ । ବର୍ଷେ ଅପେକ୍ଷା କଲୁ । କିଛି ହେଲାନାହିଁ । ଥରେ ପଞ୍ଚାୟତବାସୀ କଂପାନୀର ବାଉଁଶ ବୋଝେଇ ଗାଡି ଅଟକାଇଲେ । ଗଣ୍ଡଗୋଳ ବି ହେଲା । ପାର୍ମାର୍ ସିଂ ପୋଲିସ୍ ବାଲାଙ୍କୁ ଧରି ୨୫/୩୦ ଗାଁ ଲୋକଙ୍କ ନାଁ ରେ କେଶ୍ କଲା । ଆମେ ଗରିବ ଲୋକ । କୋର୍ଟ କଚେରୀ ଦଉଡି ଦଉଡି ହଇରାଣ ହେଲୁ । ଗୁଡାଏ ଖର୍ଚ୍ଚାନ୍ତ ହେଲୁ । ଏବେ ବି କେଶ୍ ଚାଲିଛି ।


ଆଉ ସରକାର ବି ସେ କାଗଜକଳବାଲା/ କଂପାନୀଠାରୁ କିଛି କମ୍ ନୁହନ୍ତି । ରାସ୍ତା ହେଲାଦିନଠାରୁ ଆମେ କେତେ ନେତା ଅଫିସରଙ୍କୁ ହାରି ଗୁହାରି କଲୁଣି- ଆଉ କିଛି ନକଲେ ନାହିଁ, ରାସ୍ତା ଖଣ୍ଡକ କରିଦିଅ । ଆମେ ଜାଣିଛୁ, ଆମେ ଭୋଟ ନ ଦେଲେ ରାତାରାତି ରାସ୍ତା ହୋଇଯିବନାହିଁ । କିନ୍ତୁ ଆମେ ପ୍ରତିବାଦ କରିବୁ । ସମୂହ ଭୋଟ ବର୍ଜନ କରି । ଅନ୍ତତଃ ଏତିକି ଆମେ କରିପାରିବୁ ।" ନିର୍ବାହୀ ଯନ୍ତ୍ରୀ କହିଲେ, ଯେଉଁ ଠିକାଦାର ଏ ରାସ୍ତା କାମ ନେଇଛନ୍ତି ତାଙ୍କ ଚୁକ୍ତି ବାତିଲ୍ ହେବ । ଘାଟିରେ ୩/୪ କି.ମି. ରାସ୍ତା ଯାହା ଏକଦମ୍ ଖରାପ, ସେ ଅଂଶ ତୁରନ୍ତ ମରାମତି ହେବ । ଆପଣମାନେ ଭୋଟ ଦିଅନ୍ତୁ । ଲୋକେ କିଛି ଶୁଣିବାପାଇଁ ପ୍ରସ୍ତୁତ ନଥିଲେ । ନିର୍ଦ୍ଦିଷ୍ଟ ଭାବେ କୌଣସି ଠିକାଦାର ବା କୌଣସି ଅଫିସରଙ୍କ ଉପରେ ସେମାନଙ୍କର ଅଭିଯୋଗ ନଥିଲା । ଅଭିଯୋଗ ଥିଲା ବ୍ୟବସ୍ଥା ବିରୁଦ୍ଧରେ । ସରକାରୀ ଉଦାସୀନତା ବିରୁଦ୍ଧରେ ।

ଭିଡ ଠେଲି ଆମ ପାଖକୁ ଆସୁଥିଲେ ୨୫/୨୬ ବର୍ଷର ଜଣେ ଯୁବକ । ତାଙ୍କ ଦେହ ମୁହଁ ସବୁଠି ହୋଲିର ରଙ୍ଗ । ସେ ପିନ୍ଧିଥିବା ଟି. ସାର୍ଟ ରେ ଲେଖାଥିଲା (I Can) 'ଆଇ କ୍ୟାନ୍'। ତେବେ ତାଙ୍କୁ ଆଉ କିଛି ଲୋକ ପଛକୁ ଟାଣିବାରେ ବ୍ୟସ୍ତ ଥିଲେ । ପଚାରିଲି, ତାଙ୍କୁ ଅଟକାଉଛନ୍ତି କାହିଁକି ? ସମିତି ସଭ୍ୟ କହିଲେ, ନାଇଁ ଆଜ୍ଞା, ସେ ଭଲ ପିଲା । କିନ୍ତୁ ହୋଲିରେ ରଙ୍ଗଟା ଟିକିଏ ତା' ମୁଣ୍ଡକୁ ଚଢିଯାଇଛି ! ସେ ଆପଣଙ୍କୁ ଖାଲି ଇଂରେଜୀରେ ଆମ ସମସ୍ୟା କଥା କହିଥା'ନ୍ତା ! ଦରଖାସ୍ତରେ ପାଖାପାଖି ୬୦/୬୫ ଦସ୍ତଖତ ଇଂରେଜୀରେ ଥିଲା । ପଚାରିଲି, ପିଲାମାନେ ପଢିବାକୁ କୋଉଠିକି ଯାଆନ୍ତି । ସରପଞ୍ଚ କହିଲେ, କେବଳ ପାହାଡ ଚଢି ଗୋଟେ ରାସ୍ତା (ପାଞ୍ଚ କି.ମି.) ଡୁମୁଡିବନ୍ଧକୁ ଅଛି । ବିପଦସଂକୁଳ, ସରୁ, ପାଦଚଲା ରାସ୍ତା । ଟିକିଏ ଦୂରରୁ ଟି. ଓାର୍ଟରେ 'ଆଇ କ୍ୟାନ୍' ଲେଖାଥିବା ସେଇ ଯୁବକଙ୍କ ସ୍ୱର ଶୁଭିଲା । " ସାର୍, ଆଓ୍ୱାର୍ ଚିଲ୍‌ଡ୍ରେନ୍ ଟ୍ରେକ୍ ଟୁ ସ୍କୁଲ । ୟୁ କ୍ୟାନ୍ କଲ୍ ଇଟ୍ ଆଡଭେନ୍‌ଚର୍ ସ୍କୁଲିଂ !"

ଲାଜରେ ମୁଁ ତଳକୁ ଚାହିଁଲି । ପ୍ରସଙ୍ଗ ବଦଳେଇବା ପାଇଁ ଅଡିନେସିଙ୍କୁ ପଚାରିଲି, ଏ ଗାଁର ନାଁ ଲଙ୍କାଗଡ କାହିଁକି ? ସେ କହିଲେ, "ଯାହା ଆମେ ଶୁଣିଛୁ, ପ୍ରଥମେ ଏ ଗାଁ ର ନାଁ ଲାକାପାଙ୍ଗା ଥିଲା । କୁଇ ଭାଷାରେ ଲାକା ଅର୍ଥ ଶିମୁଳିଗଛ । ଘାଟି ରାସ୍ତାରେ ଆସିଲାବେଳେ ଆପଣ ବହୁତ ଶିମୁଳିଗଛ ଦେଖିଥିବେ । ଏବେ ଫୁଲ ଫୁଟିଛି । ପରେ ଗାଁର ନାଁ ଲାକାପଦର/ ଲାକାଗଡ ହେଲା । କିନ୍ତୁ ସରକାରୀ ବାବୁମାନେ ସର୍ଭେ ଫର୍ଭେ କଲାବେଳେ କାଗଜପତ୍ରରେ ଗାଁ ନାଁ ଲାକାଗଡରୁ ଲଙ୍କାଗଡ କରିଦେଲେ । ଆଜ୍ଞା ! ଏମିତିରେ ବି ଏ ଇଲାକା ଲଙ୍କାଗଡରୁ କିଛି କମ୍ ତ ନୁହେଁ ! ସମୁଦ୍ର ଡେଇଁ ଲଙ୍କା ପହଞ୍ଚିବା ପ୍ରାୟ ଅସମ୍ଭବ ଥିଲା । ଆଉ ଚାରିକଡର ଉଚ୍ଚା ପାହାଡ/ଘାଟି ଟପି, ଆମ ଲଙ୍କାଗଡକୁ ଘେରି ରହିଥିବା ଉତେଇ ନଈ ପାର ହୋଇ ଏଠି ପହଞ୍ଚିବା ମୁସ୍କିଲ୍ । ଗାଁକୁ କେବେ ମାଓବାଦୀ ଆସିନାହାନ୍ତି, କିନ୍ତୁ କେଇ ବର୍ଷ ହେଲା ସରକାରୀ ବାବୁମାନେ ମାଓବାଦୀର ଭୟ ଦେଖାଇ ଗସ୍ତ କରିବା ବନ୍ଦ କରିଦେଇଛନ୍ତି । ଲଙ୍କାରେ ଦୁଷ୍ଟ ରାବଣ ରହୁଥିଲା । ଏଠି ନିରୀହ ଆଦିବାସୀ ଅଛନ୍ତି । ତାହାହିଁ ତଫାତ୍ । ରାବଣର ବାହୁବଳ ଥିଲା, ସାମର୍ଥ୍ୟ ଥିଲା । ଆମର କ'ଣ ଅଛି ?

ଦିନ ପାଖାପାଖି ୨ଟା ବାଜିଥିଲା । ଲଙ୍କାଗଡରେ ୨ୟ ପ୍ରସ୍ତ ହୋଲି ଖେଳ ଆରମ୍ଭ ହୋଇ ସାରିଥିଲା । ଯକ୍ଷ ନାଏକ କହିଲେ, ଆଜ୍ଞା, ଆମ ସହିତ ହୋଲି ଖେଳିବେ ? ମୁଁ 'ହଁ' କହିଲି । ୧୦ ମିନିଟ୍ ଭିତରେ ଆମେ ସମସ୍ତେ ଗାଁ ମଝିରେ ପହଞ୍ଚି ସାରିଥିଲୁ । ରାସ୍ତା କଡରେ ଏକ ପ୍ରକାଣ୍ଡ ଶିମୁଳିଗଛରେ ଲାଲ ଫୁଲ ଭର୍ତ୍ତି ହୋଇଥିଲା । ସବୁ ଅଭାବ ଅନାଟନ ଭିତରେ ଲଙ୍କାଗଡବାସୀ ହୋଲି ଖେଳୁଥିଲେ । ବାଜା ବଜଉଥିଲେ । ନାଚୁଥିଲେ । ମୁଁ ବି ନାଚିଲି । *

(ସମ୍ବାଦ, ଏପ୍ରିଲ୍ ୨, ୨୦୧୪)




ଏକାର : ନିଜ ଭିତରେ ଆକାଶ

# ପୀଡିତାର ଶବ ଓ ପାରିଜାତ ଫୁଲ

ନିକଟ ଅତୀତରେ କମ୍ ବ୍ୟବଧାନରେ ରାଜ୍ୟରେ କେତୋଟି ଉଲ୍ଲେଖନୀୟ ଘଟଣା ଘଟିଛି । ଦୀର୍ଘ ଦିନ ଧରି କୋମାରେ ଥିବା ପିପିଲି ପୀଡିତା ଆଖି ବୁଜିଛନ୍ତି । ରଥରେ ଜଣେ ବିଦେଶୀ ଭକ୍ତଙ୍କୁ ନିସ୍ତୁକ ମାଡ ଦିଆଯାଇଛି । ଏହା ଆଗରୁ ରଜ ସଂକ୍ରାନ୍ତିରେ କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗାଁ ଦାଣ୍ଡରେ ଜଣେ ମହିଳାଙ୍କ ଉପରେ ବର୍ବରୋଚିତ ଆକ୍ରମଣ କରାଯାଇଛି । ତାଙ୍କୁ ଉଲଗ୍ନ କରି ଲୁହାଛଡରେ ପିଟା ଯାଇଛି, ପେଟରେ ଗୋଇଠା ମରାଯାଇଛି, ଏବଂ ଦୁର୍ବୃତ୍ତମାନେ ତାଙ୍କ ବେକ ଉପରେ ଚଢ଼ି ଜୀବନରେ ମାରି ଦେବା ପାଇଁ ଚେଷ୍ଟା କରିଛନ୍ତି । ବିଚାରୀ ଏବେ ଅର୍ଦ୍ଧଚେତନ ଅବସ୍ଥାରେ । ତାଙ୍କ ବେକଠୁ ତଳକୁ ସମଗ୍ର ଶରୀର ପ୍ରାୟ ନିର୍ଜୀବ । ପ୍ରବନ୍ଧ ଲେଖା ହେବା ବେଳକୁ ତାଙ୍କୁ ସରକାରୀ ଚିକିତ୍ସା / ସାହାଯ୍ୟ ମିଳିପାରି ନାହିଁ । ସମ୍ପୃକ୍ତ ପାଂଚ ଜଣ ଅପରାଧୀଙ୍କ ମଧ୍ୟରୁ ଜଣକୁ ମାତ୍ର ପୁଲିସ୍ ଗିରଫ କରିଛି । ଏଣେ ପତ୍ନୀଙ୍କୁ ବଂଚେଇବା ପାଇଁ ତାଙ୍କ ସ୍ୱାମୀ ଗାଁ ଦାଣ୍ଡରେ ଭିକ ମାଗୁଛନ୍ତି । ଦକ୍ଷିଣ ଭାରତରେ ନିକଟରେ ଠାବ ହୋଇଛନ୍ତି ୩୭ ଜଣ ସାନ ସାନ ପିଲା (ଅଧିକାଂଶ ରାୟଗଡା ଏବଂ ଗଜପତି ଜିଲ୍ଲାର) ଯେଉଁମାନଙ୍କୁ 'ଚାଲାଣ' କରାଯାଇଥିଲା, ଆନ୍ଧ୍ରରୁ ଆମ ରାଜ୍ୟକୁ 'ଚାଲାଣ' ହେଉଥିବା ମାଛ ବା ପରିବା ପରି । ସେମାନଙ୍କ ଭିତରୁ ୧୮ ଜଣଙ୍କୁ ଫେରାଇ ଅଣାଯାଇଛି । ଏ ସବୁ ଅଘଟଣ ଭିତରେ ୧୦ ଲକ୍ଷ ଭକ୍ତଙ୍କ ଭିଡରେ ବେଶ୍ ଗହଳି ଲଗାଇ ଭାଇଭଉଣୀଙ୍କ ସହିତ ଘୋଷ ଯାତ୍ରାରେ ଯାଉଛନ୍ତି ପତିତପାବନ । ଏବଂ ଆମ ସଚିବାଳୟରେ ପାରିଜାତ ଫୁଟିଛି । ପାଠକେ ଜାଣିଛନ୍ତି ଯେ ପୁରାଣ ଅନୁଯାୟୀ ପାରିଜାତ ଦେବଲୋକର ଫୁଲ । ତେବେ ଏକଥା ମଧ୍ୟ କହାଯାଇଛି ଯେ ଦ୍ୱାପର ଯୁଗରେ

ଭଗବାନ ଶ୍ରୀକୃଷ୍ଣ ତାଙ୍କର ପତ୍ନୀ ସତ୍ୟଭାମାଙ୍କ ପାଇଁ ସର୍ଗରୁ ପାରିଜାତ ଆଣିଥିଲେ- ତାଙ୍କ ରାଜଧାନୀକୁ । ଏବେ ପାରିଜାତ ଆମ ସଚିବାଳୟ ବଗିଚାରେ ଫୁଟିଛି ଏବଂ ପ୍ରତୀକାତ୍ମକ ଅର୍ଥରେ ଏହାକୁ ଏକ ଶୁଭ ସଙ୍କେତ ବୋଲି କିଛି ଲୋକ ଭାବୁଛନ୍ତି ।

ଉପର ବର୍ଣ୍ଣିତ ଘଟଣା କ୍ରମ ଏକଥା ସ୍ପଷ୍ଟ କରୁଛି ଯେ ଆମ ଚାରିପାଖ ଏବଂ ଭିତର ଏକଦମ୍ ଅସଜଡା ହୋଇପଡିଛି । ଉତ୍କଳର ନେତା ସଙ୍ଗ ନାରାୟଣ (ଜଗନ୍ନାଥ) ବୋଲି କହି ଆମେ ଲକ୍ଷ ଲକ୍ଷ ସଂଖ୍ୟାରେ ବଡଦାଣ୍ଡରେ ଠୁଳ ସିନା ହେଉଛୁ, ଭକ୍ତ ବୋଲାଉଛୁ, କିନ୍ତୁ ଏହା ସହିତ ଆମ ଅନ୍ତଃକରଣର ସାମାନ୍ୟତମ ସମ୍ବନ୍ଧ ବି ନାହିଁ । ରାଜ୍ୟରେ ହିଂସାକାଣ୍ଡ ଦିନକୁ ଦିନ ବଢୁଛି । ଆଧ୍ୟାତ୍ମିକତା ଉପର ସ୍ତରର କଥା, ସିଭିଲ୍ ସୋସାଇଟି ପାଇଁ ଆବଶ୍ୟକ ସର୍ବନିମ୍ନ ଦାୟିତ୍ୱବୋଧ, ନୈତିକ ମୂଲ୍ୟବୋଧ, ପାରମ୍ପରିକ ସଦ୍‌ଭାବ ଓ ସମ୍ବେଦନଶୀଳତା ଆମେ କ୍ରମଶଃ ହରେଇ ବସୁଛୁ । ସବୁ କଥାରେ କୌଣସି ନା କୌଣସି ରାଜନୈତିକ ଦଳକୁ ନଚେତ୍ ସରକାରୀ ବ୍ୟବସ୍ଥାକୁ ଦୋଷଦେଇ ଆମେ ଅକ୍ଲେଶରେ ଧୂଳି ଝାଡିଦେଉଛୁ । ବ୍ୟବସ୍ଥାକୁ ଯେ ତର୍ଜନୀ ନିର୍ଦ୍ଦେଶ କରାଯିବ ନାହିଁ, ଏକଥା ନୁହେଁ, କିନ୍ତୁ ଆମେ ଭୁଲିଗଲେ ଚଳିବ ନାହିଁ ଯେ ଆମକୁ ଛାଡି କୌଣସି ରାଜନୈତିକ ଦଳ ବା ବ୍ୟବସ୍ଥା ବାୟବୀୟ ସତ୍ତା ହୋଇ ତିଷ୍ଠି ନାହାନ୍ତି । ନିଜକୁ ସ୍ଥାନୀୟ ଘଟଣା ବା ଦୁର୍ଘଟଣାଠୁ ଏକଦମ୍ ଅସଂପୃକ୍ତ ରଖି କେବଳ ବ୍ୟବସ୍ଥା ମୁଣ୍ଡରେ ଦୋଷ ଲଦି ଦେବା ନିଶ୍ଚିତ ଭାବରେ ଏକ ସାମାଜିକ ଅପରାଧ । ଆସନ୍ତୁ, ସାମାନ୍ୟ ବିସ୍ତାରରେ ଆଲୋଚନା କରିବା ଏ ଘଟଣାକୁ ।

ନଭେମ୍ବର ୨୯, ୨୦୧୧ ଅର୍ଜୁନଗଦା (ପିପିଲି) ଗାଁର ପୀଡିତାଙ୍କୁ ବଳାତ୍କାର କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା । ଅତ୍ୟାଚାରର ପୃଷ୍ଠଭୂମି ଉପରେ ଲୋକେ ଭଣା ଅଧିକେ ଜାଣିଥିଲେ । ପୀଡିତା ପୂର୍ବରୁ ଘଟିଥିବା ଏକ ଅପରାଧର ସାକ୍ଷୀଥିଲେ । ତେବେ ଏ କଥା ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ହିଁ (ଜାନୁଆରୀ ୯, ୨୦୧୨) ଥାନାରେ ମାମଲା ରୁଜୁ ହେଲା । ଜାନୁଆରୀ ୧୦ରେ ହାଇକୋର୍ଟରେ ଆଗତ ହେଲା ଜନ ସ୍ୱାର୍ଥ ମାମଲା । ତାପରେ ସକ୍ରିୟ ହୋଇଉଠିଲେ ସମସ୍ତେ । ନାନା କମିଶନ, ସ୍ୱେଚ୍ଛାସେବୀ ସଂଗଠନ, ରାଜନୈତିକ ଦଳ ଏବଂ ସରକାର । କିନ୍ତୁ ସ୍ଥାନୀୟ ଲୋକେ ଏ ସମ୍ପର୍କରେ କ'ଣ ପାଇଁ ପାଟି ଖୋଲି ନ ଥିଲେ ? ପିପିଲି ଏକ ଦୂରନ୍ତ, ଅନୁନ୍ନତ ଅଂଚଳ ନୁହେଁ । ଆଉ ବାହୁବଳୀ ରାଜନେତାମାନଙ୍କ ଭୟରେ ନିଜ ଗାଁର ଲୋକେ ପୀଡିତାଙ୍କ ପାଇଁ ଠିକଣା ସମୟରେ ପାଟି ଖୋଲିବେ ନାହିଁ, ଏକଥା ହଜମ କରିବା ପାଇଁ କଷ୍ଟ ହେଉଛି । ଯେଉଁଠି ମାନବିକ ମୂଲ୍ୟବୋଧର ବଳିଦାନ ଦି'ପହରରେ କରାଯିବ, ଯେଉଁଠି ଅନ୍ଧ ରାଜନୈତିକ ଆନୁଗତ୍ୟ ବା ଉଲଙ୍ଗ ରାଜନୈତିକ ସନ୍ତ୍ରାସ ପ୍ରତିବାଦକୁ ଅନ୍ତର୍ହିତ କରିବ, ତେବେ କେଉଁ

ଶାସନ ବ୍ୟବସ୍ଥା ଆମକୁ କେମିତି ରକ୍ଷାକରିବ ? ଦ୍ୱିତୀୟ କଥା, ସବୁବେଳେ ପ୍ରତିବାଦ କରିବା ପାଇଁ ଗଣମାଧ୍ୟମ ବା ଅଦାଲତଙ୍କ ହସ୍ତକ୍ଷେପକୁ ଆମେ ଅପେକ୍ଷା କରିବା କାହିଁକି ? ସମ୍ବେଦନଶୀଳତାର 'ଅ . . . ଆ' ଆମକୁ କଣ ଆଇନ ଅଦାଲତରୁ ଶିଖିବା ପାଇଁ ପଡିବ ? ଆମ ଜନସାର୍ଥ କେବଳ କୋର୍ଟର ମୋହର ବାଜିବା ପରେ ଯାଇ ଜନସାର୍ଥ ଭୁକ୍ତ ହେବ ?

ପାଠକେ, ନଭେମ୍ବର ୨୯, ୨୦୧୧ ରୁ ଜାନୁଆରୀ ୧୧, ୨୦୧୨ ଭିତରେ ବିତିଯାଇଥିବା ସମୟ ପିପିଲି ପୀଡିତାଙ୍କ ଚିକିତ୍ସା ପାଇଁ ଢେର ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇ ପାରିଥାନ୍ତା । ଅଥଚ ସେମିତି ହୋଇ ପାରିଲା ନାହିଁ, କାରଣ ଖବର କାଗଜରୁ ପଢିବା ପରେ ଆମେ ସଚେତନ ହେଲେ । ଫୁଟ୍ ଫାଟ୍ ହେଲେ । ସ୍ଲୋଗାନ ଦେଲେ । ରାସ୍ତାକୁ ଓହ୍ଲାଇଲେ । ତା ଆଗରୁ ନୁହେଁ । ପିପିଲି ପୀଡିତାଙ୍କ ଶବଦାହ ପାଇଁ ପାଖା ପାଖି ୬୦ଘଣ୍ଟା ଲାଗିଗଲା । ତା'ର ଢେର୍ ଆଗରୁ ଶବ ପାଲଟି ସାରିଥିବା ଝିଅଟିର ଅନ୍ତିମ ସତ୍କାର ସିନା ସରିଛି, କିନ୍ତୁ ଲାଗୁଛି ଏବେ ବି ତା'ର ଶବ ପଡିଛି । ସର୍ଗ ଦ୍ୱାରରେ ନୁହେଁ, ଆମ ଅଗଣାରେ ।

ଗଣଜୀବନରେ ସମାନ ନିସ୍ତରଙ୍ଗତା ବା ନିଷ୍କ୍ରିୟତାର ଛବି ଏବେ ଦେଖିବାକୁ ମିଳିଛି ମଙ୍ଗରାଜପୁରରେ (କୁଜଙ୍ଗ) । ୧୫ ଜୁନ ୨୦୧୨ରେ ଘଟିଥିଲା ଏଇ ନୃଶଂସ ଘଟଣା । ହେଲେ ବେଶ କିଛି ଦିନ ପରେ ଗଣମାଧ୍ୟମ ସୌଜନ୍ୟରୁ ତାହା ପ୍ରଘଟ ହେଲା । ପୀଡିତାଙ୍କ ଦୋଷ ଏହା ଯେ ସେ କେଇଜଣ ଗ୍ରାମବାସୀଙ୍କ ବିରୋଧରେ ପ୍ରତିବାଦ କରିଥିଲେ ଯେଉଁମାନେ କି ତାଙ୍କ ପରିବାରକୁ ହଇରାଣ କରୁଥିଲେ । ତାଙ୍କ ବାଡିରୁ ଚୋରି କରୁଥିଲେ । ମହିଳାଙ୍କ ଉପରେ ମରଣାନ୍ତକ ଆକ୍ରମଣ ଦିନରେ ହିଁ ହୋଇଥିଲା । ଗାଁ ଦାଣ୍ଡରେ ତାଙ୍କୁ ଲଙ୍ଗଳା କରାଗଲା । ନିଜ ପରିବାର ବ୍ୟତୀତ ସେ'ଠି ଆଉ କେହି ଯେ ନ ଥିଲେ, ସେ କଥା ବି ନୁହେଁ । ଅପରାଧୀ ମୋଟର ସାଇକେଲ୍‌ରେ ଆସି ଗୁଳିକାଣ୍ଡ ଘଟାଇ ଘଟଣାସ୍ଥଳରୁ ତୁରନ୍ତ ଚମ୍ପଟ ମାରିବା ପରି ଘଟଣା ଏଇଟା ନ ଥିଲା । ଅର୍ଥାତ୍, ବେଶ କିଛି ସମୟ ଧରି ପ୍ରଲମ୍ବିତ ଥିଲା ଏହି ଜଘନ୍ୟ କାଣ୍ଡ । ଅଥଚ, ମୁଖ୍ୟ ସ୍ରୋତର ହିନ୍ଦୀ ସିନେମା ପରି କିଛି ଦେଖଣାହାରୀ ନିରାପଦ ଦୂରତ୍ୱରୁ ଏସବୁ ଦେଖୁଥିଲେ । କେଇ ଦିନ ଧରି ଅପରାଧୀମାନେ ଗାଁରେ ହିଁ ଥିଲେ । ପୁଲିସକୁ ଖବର ଦେବା ପାଇଁ କେହି ଉଚିତ ମଣିଲେ ନାହିଁ । ଗୋଟିଏ ଖବର କାଗଜ ଲେଖିଲା ଯେ "ବିହାର ବା ହରିଆଣାରେ ଘଟୁଥିବା ଲୋମହର୍ଷକ ଅପରାଧକୁ ଇଏ ବଳିଗଲା ।" ଆଗରୁ ଆମ ଗାଁ ଗଣ୍ଡାରେ ନ୍ୟାୟ ନିଶାପ ହେଉଥିଲା, ପଚାଂୟତ ବସୁଥିଲା । ମୁରବୀମାନେ ଆସୁଥିଲେ । (ସରକାର ଏବେ ଜମାରୁ ମାଲି ମକଦମା ନ ଥିବା ଗାଁକୁ ପୁରସ୍କାର ଦେବାକୁ ସ୍ଥିର କରିଛନ୍ତି) । ତର୍କ ଖାତିରରେ ଧରି ନିଆଯାଉ ଯେ ମଙ୍ଗରାଜପୁରରେ ନ୍ୟାୟ ନିଶାପ ବ୍ୟବସ୍ଥା ନାହିଁ । ନ ଥାଉ । ହେଲେ ଗୋଟିଏ ଗାଁର ଆତ୍ମା ଏକଦମ୍ ମରିଗଲା କେମିତି ?

ଅପରାଧକୁ ତାର ମୂଳ ସ୍ୱରୂପରେ ଚିହ୍ନିବା ପାଇଁ ଏବଂ ରୋକିବା ପାଇଁ ଆଉ କାହାର ନିର୍ଦ୍ଦେଶକୁ ଅପେକ୍ଷା କରିବା ପାଇଁ ପଡିବ କାହିଁକି ? ଯାହା ପୀଡିତାଙ୍କ ସହିତ ଘଟିଲା ତାହା ଅନ୍ୟ ଯେକୌଣସି ଲୋକ ସହିତ ଘଟିପାରେ । ତଥାକଥିତ ଭାବେ ସଭ୍ୟ ବୋଲାଉଥିବା ଆମ ଅନେକଙ୍କର ଧାରଣା ଯେ ଗଣଜୀବନରେ ପାରସ୍ପରିକ ସହାନୁଭୂତିର ଅଭାବ ଅନେକ ବର୍ଷ ଧରି ସହର ଚଳଣିର ସ୍ୱାଭାବିକ ଧାରାରେ ପରିଣତ ହେଉଛି । କିନ୍ତୁ ନିରିଖେଇ ଦେଖିଲେ ଏକଥା ସ୍ପଷ୍ଟ ହୋଇପଡିବ ଯେ ବ୍ୟକ୍ତି କୈନ୍ଦ୍ରିକତା ଏବଂ ଉଦାସୀନତା ନିଷ୍କ୍ରିୟତାର ବିଷ ଭେଦି ସାରିଛି ଆମର ଗ୍ରାମ୍ୟ ଜୀବନକୁ । ବଜାରର ଅର୍ଥନୀତିର ଅଙ୍କ କଷା କହି ଆମେ ସଂସାରକୁ ଦୋଷ ଦେଲେ ଚଳିବ ନାହିଁ, କାରଣ ପରସ୍ପର ପ୍ରତି ଭୟଙ୍କର ଭାବେ ଅନାସକ୍ତ ବା ଅସମ୍ବନ୍ଧିତ ରହିବା ଇସାରା କରୁଛି ଉଜୁଡ଼ି ସାରିଥିବା ଆମର ସାଂସ୍କୃତିକ ଲାବଣ୍ୟକୁ । ଇଏ କଣ ନୂଆ ଯୁଗର ଶାସ୍ତ୍ର ?

ଅବିକଳ ଏମିତି ନ ହେଲେ ହେଁ ସମାନ ଭାବରେ ଦୁଃଖଦ ନନ୍ଦିଘୋଷ ରଥରେ ବିଦେଶୀ ପର୍ଯ୍ୟଟକଙ୍କୁ ମାଡଘଟଣା । ରଥ ଉପରେ କିଏ ରହିବେ, ନ ରହିବେ ସେ ନେଇ ଶାସ୍ତ୍ରୀୟ ମତ ନିର୍ଦ୍ଦିଷ୍ଟ ନୁହେଁ । ତେବେ ସମୁଦାୟ ଘଟଣା ପାଇଁ କେବଳ ପ୍ରଶାସନକୁ ଦାୟୀକରିବା ବି ଯଥେଷ୍ଟ ନୁହେଁ । ଏହା କେବଳ ହିଂସା ନୁହେଁ, ତା'ଠୁ ଢେର ଅଧିକ- ବିବେକହୀନତା । ଶାସ୍ତ୍ର ରହୁ, ପରମ୍ପରା ବି ରହୁ । ମନା ନାହିଁ । କିନ୍ତୁ ଅନ୍ତତଃ ଗୁଣ୍ଡିଚା ଠାରୁ ବାହୁଡା ପର୍ଯ୍ୟନ୍ତ ଅସଲ ଜଗନ୍ନାଥଙ୍କୁ ଗଣଦେବତାର ମର୍ଯ୍ୟାଦା ମିଳୁ । ସେମିତି ଛୋଟ ଛୋଟ ପିଲାଙ୍କ ଟ୍ରାଫିକିଂ ବା ଚାଲାଣ ଘଟଣା । କୋଉଠି ନା କୋଉଠି ଏଥିରେ ଜଡିତ ଉଭୟ ଆମର ସମ୍ପୃକ୍ତି ଏବଂ ଅସମ୍ପୃକ୍ତି ।

ପାଠକେ, ଏକ ଜାତି ହିସାବରେ କେବେ ଆମେ କ'ଣ ଥିଲେ, ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଅଧିକ ପ୍ରାସଙ୍ଗିକ ହେଉଛି ଆମର ବର୍ତ୍ତମାନ । ଆମ ଜାତିର ଏବର ଚରିତ୍ର । ନିଜ ଚାରିପାଖ ପ୍ରତି ସଚେତନ ଏବଂ ସମ୍ବେଦନଶୀଳ ନାଗରିକ ସମାଜ ଅନେକ ଅବକ୍ଷୟର ପଥରୋଧ କରିପାରନ୍ତା, ଯାହା ଆମ ସହିତ ଘଟୁନାହିଁ । ଲାଗୁଛି, ଜଗନ୍ନାଥଙ୍କ ନାଁରେ ଆଧ୍ୟାତ୍ମକୁ ଅଗ୍ରଦେବତା ମାନୁଥିବା ଗୋଟାଏ ଜାତି କ୍ରମଶଃ ସମ୍ବେଦନ ରହିତ ହୋଇ ଆସୁଛି । ଅନ୍ୟାୟ ଏବଂ ଅତ୍ୟାଚାରର ମୂଳୋତ୍ପାଟନ ୟୁଟୋପିଆନ୍ ଅବଧାରଣା ହୋଇପାରେ, କିନ୍ତୁ ନିରୁଦ୍‌ବିଗ୍ନତା ଏକ ଅପରାଧ । ପାପ ବି । ସହସ୍ର ପାରିଜାତର ବଗିଚା ସେ ପାପକୁ ଲୁଚାଇ ପାରିବ ନାହିଁ । *

(ସମ୍ବାଦ, ଜୁଲାଇ ୫, ୨୦୧୨)

ଏ କଥା ବି କହିଥିଲେ ଯେ ରାଷ୍ଟ୍ରଦ୍ରୋହର ନିୟମ କେବଳ ଉପନିବେଶବାଦୀ ଶାସନତନ୍ତ୍ରକୁ ଯାହା ସୁହାଏ ଏବଂ ଯେହେତୁ ସେ ଏପରି ଶାସନ ବ୍ୟବସ୍ଥାର ଖିଲାଫରେ । ତାଙ୍କ ପ୍ରତି ସର୍ବାଧିକ ଦଣ୍ଡ ବିଧାନ ହେଉ । ସେ ପୁଣି କହିଥିଲେ ଯେ " ଶାସନ ପ୍ରତି ଶ୍ରଦ୍ଧାକୁ ନା କାରଖାନାରେ ତିଆରି କରି ହେବ ନା ଆଇନ ଦ୍ୱାରା ନିୟନ୍ତ୍ରିତ କରି ହେବ । ମୋର କାହା ପ୍ରତି ବ୍ୟକ୍ତିଗତ ଅଶ୍ରଦ୍ଧା/ଅସୂୟା ନାହିଁ, କିନ୍ତୁ ଏବର ସରକାର ଯାହା ମୋ ଦେଶ ଭାରତକୁ ଅନ୍ୟ ଯେ କୌଣସି " ପୂର୍ବ ବ୍ୟବସ୍ଥା ଅପେକ୍ଷା ଅଧିକ କ୍ଷତି ପହଞ୍ଚେଇଇ ସାରିଛି, ସେଇ ଶାସନ ବ୍ୟବସ୍ଥା ପ୍ରତି ଅଶ୍ରଦ୍ଧା ପୋଷଣକୁ ମୁଁ ବରଂ ଏକ ସଦ୍‌ଗୁଣ ମନେ କରୁଛି । ମୋ ବିଚାରରେ ଏମିତି ଏକ ବ୍ୟବସ୍ଥାର ପକ୍ଷ ନେବା ମହାପାପ" ।

ଗାନ୍ଧୀ ସଂପ୍ରତିକ ସ୍ଥିତିରେ ବି ଏକଦମ୍ ପ୍ରାସଙ୍ଗିକ ମନେ ହେଉଛନ୍ତି । ତାଙ୍କ ମତରେ ଜଣେ ନାଗରିକଙ୍କୁ ପୂର୍ଣ୍ଣ ସାଧୀନତା ମିଳିବା ଦରକାର, ଯାହାର ଉପଯୋଗ କରି ସେ ଆପଣା ଅସନ୍ତୋଷ ବ୍ୟକ୍ତ କରିପାରବ ଏବଂ ଯେ ଯାଏଁ ତା'ର ମତ ଉପସ୍ଥାପନର ସାଧୀନତା ହିଂସା ଉତ୍ପନ୍ନ କରୁନଥିବ, ସେ ଯାଏଁ ନାଗରିକଙ୍କୁ ଅନ୍ତତଃ 'ରାଷ୍ଟ୍ରଦ୍ରୋହୀ' କହି ହେବ ନାହିଁ । ସାଧୀନତୋତ୍ତର ଭାରତରେ ସମ୍ବିଧାନର ଧାରା ୧୯(୨)ରୁ 'ରାଷ୍ଟ୍ରଦ୍ରୋହୀ' ଶବ୍ଦ ବାଦ୍ ପଡିଥିଲା ସଂଶୋଧନ ଆଧାରରେ । ସଂଶୋଧନ ପ୍ରସ୍ତାବ ଆଲୋଚନା କ୍ରମରେ କେ. ଏମ୍. ମୁନ୍‌ସୀ, ଟିଟି କୃଷ୍ଣାମାଚାରୀ, ସେଠ୍ ଗୋବିନ୍ଦ ଦାସ ପ୍ରମୁଖ ଯୁକ୍ତି କରିଥିଲେ ଯେ ଗଣତନ୍ତ୍ରରେ ନ୍ୟାଯ୍ୟ ପ୍ରତିବାଦକୁ ଯଥାର୍ଥ ମର୍ଯ୍ୟାଦା ମିଳୁ, ମୁକ୍ତ ମତ ଉପସ୍ଥାପନ ପାଇଁ ଦଣ୍ଡ ନ ମିଳୁ । ପଣ୍ଡିତ ନେହେରୁ ମଧ୍ୟ ଆଇ.ପି.ସି. ଦଫା ୧୨୪(କ) ର ବିରୋଧ କରୁଥିଲେ । ତେବେ ଶ୍ଳେଷ ହେଉଛି ଯେ ଏତେ ବର୍ଷ ପରେ ବି ମାନ୍ଧାତା ଅମଳର ଏକ ଆଇନ ଆରାମରେ ଆସନ ଅକ୍ତିଆର କରି ରଖିଛି । ବିଗତ ଶତାବ୍ଦୀର ପଚାଶ ଦଶକରେ ଏ ନେଇ ତିନିଟି ଗୁରୁତ୍ୱପୂର୍ଣ୍ଣ ରାୟ (ତାରା ସିଂହ ଗୋପୀ, ରାଜା ଏବଂ ରାମନନ୍ଦନ ମାମଲା) ରାଷ୍ଟ୍ରଦ୍ରୋହକୁ ସମ୍ବିଧାନ- ସମ୍ମତ ନୁହେଁ ବୋଲି ସ୍ପଷ୍ଟ କରିବା ପରେ ବି ବିଶେଷ କିଛି ହୋଇ ନାହିଁ । ପରବର୍ତ୍ତୀ ସମୟରେ ୧୯୬୨ରେ କେଦାର ନାଥ ସିଂହ -ବନାମ- ବିହାର ସରକାର ମାମଲାରେ ସୁପ୍ରିମ୍ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବ୍ୟକ୍ତି ବିରୋଧରେ 'ରାଷ୍ଟ୍ରଦ୍ରୋହ' ସେ ପର୍ଯ୍ୟନ୍ତ ସାବ୍ୟସ୍ତ ହେବ ନାହିଁ ଯେଉଁ ପର୍ଯ୍ୟନ୍ତ ଆରୋପୀର ଆଚରଣ/ ବ୍ୟବହାର ସାଧାରଣ ଜୀବନରେ ରାଷ୍ଟ୍ର ବିରୋଧରେ ବିଶୃଙ୍ଖଳା ବା ହିଂସା ସୃଷ୍ଟି ନ କରିଛି । ଏହାବାଦ୍ ବି ଏଇ କଳା ଆଇନର ଆଶ୍ରା ନିଆଯାଉଛି ।

ଅସୀମଙ୍କ ମୁକ୍ତି (ଜାମିନ) ପରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମିଳିଥିଲା ବିଭିନ୍ନ ମହଲରୁ । ସେ କହିଛନ୍ତି ଯେ ଦୁର୍ନୀତି ପରି ପ୍ରସଙ୍ଗକୁ ନେଇ ସେ ଏଣିକି ଅଧିକ କାର୍ଟୁନ ଆଙ୍କିବେ । ତାଙ୍କ ତୂଳିରୁ ବିଷ ବର୍ଷା ହେବ ଭ୍ରଷ୍ଟାଚାରର ବିଲୋପ ପାଇଁ । *

(ସମ୍ବାଦ, ଅକ୍ଟୋବର ୧୭, ୨୦୧୨)

# ସଲପ, ଭାତ, ଲୁଣ

ମାର୍ଦିପଙ୍ଗୀଲୁ ଭଲରେ ଚାଲିପାରୁ ନଥିଲା । ଆଗକୁ ଯାଉ ଯାଉ କାହା ବାରଣ୍ଡାରେ ଟିକିଏ ବସି ପଡୁଥିଲା । ମୁଣ୍ଡରେ ଘୋଡେଇ ହୋଇଥିଲା ଛିଣ୍ଡା କନା ଖଣ୍ଡେ । ଦି ହାତରେ ଦି'ଟା ଟେପା ରସ ଡେକ୍‌ଚି । ଗାଡିରୁ ଓହ୍ଲେଇ ଆମେ ସିଧା ପହଞ୍ଚିଥିଲୁ ମାର୍ଦି ପାଖରେ । ଦିନ ଦ୍ୱିପହର । ଖରା ଟାଣ ଥିଲା ସତ, କିନ୍ତୁ ଗରମ ଆଦୌ ଜଣାପଡୁ ନଥିଲା । ମାଉସୀ, କୁଆଡେ ଯାଉଛ ? ଡ୍ରାଇଭରକୁ ମାଧ୍ୟମ କରି ଏକଥା ପଚାରିଥିଲି ଡେକ୍‌ଚି ଧରି ବଡ କଷ୍ଟରେ ଚାଲୁଥିବା ମାର୍ଦିକୁ । କିଛି ସମୟ ପରେ ଆମଠୁ ପ୍ରାୟ ପଚାଶ ମିଟର ଦୂର ଢାଲୁ ଜାଗାରେ ଥିବା ଚୁଆକୁ ଇଙ୍ଗିତ କରୁଥିଲା ସେ । ତାପରେ ଆଉଁସୁଥିଲା ତା ବାଁ ଆଣ୍ଠୁକୁ । ଡ୍ରାଇଭର କହିଲା ଯେ, ଚୁଆରୁ ପାଣି ଆଣିଲା ବେଳେ ଆଗରୁ ଦି ଥର ପଡି ମାର୍ଦିର ଆଣ୍ଠୁ ମାଡ ହୋଇଯାଇଛି । ଏଣେ ପାଣି ନ ଆଣିଲେ ନ ଚଳେ । ଘରେ ଆଉ କେହି ନାହାନ୍ତି । ଚାଲିଲା ବେଳେ କଷ୍ଟ ହେଉଛି । ଜଣଙ୍କ ବାରଣ୍ଡା ଉପରେ ମାର୍ଦି ପୁଣି ବସିପଡିଲା । ତା ଆଖିରୁ ଲୁହ ବୋହି ଆସୁଥିଲା ।


ତା.୯/୦୩/୨୦୧୩ । ଆମେ ଥିଲୁ ଫୁଲବାଣୀଠୁ ୧୬୫ କିମି ଦୂର ଦାରିଙ୍ଗିବାଡି ବ୍ଲକ୍‌ର ବୁଡେଡି ଗାଁରେ । ସରାମୁଳି ପଞ୍ଚାୟତର ୧୧ଟି ଗାଁ ଭିତରେ ଏ ଗାଁ ଟି ଛୋଟିଆ ଗାଁ । ମାତ୍ର ୧୮ ଟି ପରିବାର । ଲୋକସଂଖ୍ୟା ୧୦୦ ପାଖାପାଖି । ସମସ୍ତେ ଖ୍ରୀଷ୍ଟିୟାନ୍ । ଗତ ଅକ୍ଟୋବର ମାସରେ ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରକଳ୍ପ ଚୟନ ପାଇଁ ସାରା ରାଜ୍ୟରେ କରାଯାଇଥିବା ଗ୍ରାମସଭା ସଶକ୍ତିକରଣ କାର୍ଯ୍ୟକ୍ରମରେ ସରାମୁଳି ପଞ୍ଚାୟତ ସାମିଲ ହୋଇପାରିନଥିଲା । କିଛି ଲୋକ ଗାଁ ଗାଁ ବୁଲି ପଲ୍ଲୀସଭାରେ ଯୋଗ ନଦେବା ପାଇଁ ଲୋକଙ୍କୁ ରୀତିମତ ଡରେଇଥିଲେ । ସେମାନେ ବିରୋଧ କରୁଥିଲେ

ନିର୍ବାଚିତ ସରପଞ୍ଚଙ୍କୁ, ଯିଏ କେଇ ମାସ ଆଗରୁ ୫୫ ବସ୍ତା ପିଡିଏସ୍ ଚାଉଳ ଚୋରା ଚାଲାଣ କଲାବେଳେ ପୁଲିସ୍ ହାତରେ ଧରାପଡି ଜେଲ୍ ଯାଇଥିଲେ । ଆମେ ଗାଁରେ ଲୋକଙ୍କୁ ବୁଝାଉଥିଲୁ, ଏଥର ପଲ୍ଲୀସଭା କରାଇଦେବା ପାଇଁ । କିଛି ଆମ କଥା ଶୁଣୁଥିଲେ । ଆଉ କିଛି ତଥାପି ଡରୁଥିଲେ, ନେତାମାନଙ୍କୁ । ମାଓବାଦୀମାନଙ୍କୁ । ବୁଟେଡି, ସରାମୁଲି ସମେତ ଆଖପାଖ ଗାଁ ମାଓବାଦୀଙ୍କ ଖାସ୍ ଇଲାକା ଭାବରେ ସେ ଅଞ୍ଚଳରେ ଜଣାଶୁଣା ଥିଲା । ସ୍ଥାନୀୟ ପ୍ରାଶାସନିକ ଅଧିକାରୀ (ବିଡିଓ) କହିଥିଲେ ଯେ ସେ ଜାଣିବାରେ ଗତ କେଇ ବର୍ଷ ଧରି ଏ ଅଞ୍ଚଳକୁ କୌଣସି ପଦାଧିକାରୀ ଆସିନାହାନ୍ତି । ଦାରିଙ୍ଗିବାଡିରୁ ୫୦ କିଲୋମିଟର ଦୂର ଏଇ ପଞ୍ଚାୟତକୁ ଆସିବାକୁ ହେଲେ ୨୫-୩୦ କିଲୋମିଟର ଖୁବ୍ ଖରାପ ରାସ୍ତା ଦେଇ ଆସିବାପାଇଁ ପଡୁଥିଲା । ବୁଟେଡି ପରଠୁ ଆଗକୁ ଯିବା ପାଇଁ ଆଦୌ ଭଲ ରାସ୍ତା ନଥିଲା । ବିଡିଓ କହିଲେ ୫ କିମି ଜଙ୍ଗଲ ଭିତରେ ଚାଲି ଚାଲି ଗଲେ ପଡିବ ଦାରିଙ୍ଗିବାଡି ସୀମାର ଶେଷ ଗାଁ । ପ୍ରାହେଟିପଙ୍ଗା ।

ବୁଟେଡି ଗାଁ ମଝିରେ ଠିଆ ହୋଇ ଚାରିଆଡକୁ ଚାହିଁଲି । ଯୋଡିଏ ପକ୍କା ଘର । ଗୋଟିଏ ପ୍ରାଥମିକ ବିଦ୍ୟାଳୟ । ଆଉଟି ଏବେ ଏବେ ଚୂନ ଧଉଳା ହୋଇଥିବା ନୁଆଁଣିଆ ଆଜ୍‌ବେଷ୍ଟସ୍ ଛାତର ଚର୍ଚ୍ଚ । ଆମକୁ ଘେରି ଯାଇଥିଲେ ୪/୫ଟି ପିଲା । ସମିତ୍ ମୁଠାମାଝୀ, ଲମେଶ୍ୱର, ଶରତ, ମନୋଜ ଏବଂ ସାରଦା । ମନୋଜ ଗାଁ ସ୍କୁଲରେ ପଢୁଛି ବୋଲି କହୁଥିଲା, ଯଦିଓ ସ୍କୁଲକୁ ଶିକ୍ଷକ ଆସୁ ନଥିଲେ । ନୂଆଁ ପୋଷ୍ଟିଂ ହୋଇଥିବା ବାଲେଶ୍ୱରର ଜଣେ ଦିଦି ଜଏନ୍ କରିବା ପରେ ଗାଏବ୍ ହୋଇଯାଇଥିଲେ (ଅନୁପସ୍ଥିତ) । ପିଲାମାନେ ଓଡିଆ ଅଳ୍ପ ବୁଝୁଥିଲେ । ସେମାନଙ୍କୁ ପଚାରି ଜାଣିଲୁ ଯେ, ଗାଁ ରେ ନଳକୂଅ ନାହିଁ । ପିଇବା ପାଣି ପାଇଁ ଥିବା ଏକମାତ୍ର କୂଅ ତାଳପତ୍ର ପଡି ପୋତି ହୋଇପଡିଛି । ମାର୍ଦି ପରି ଗାଁର ଆଉମାନଙ୍କ ଆଶ୍ରା ହେଉଛି ଚୁଆ ।

ବିଡିଓଙ୍କ ମୁହଁକୁ ଚାହିଁଲି । ସେ କହିଲେ ଯେ ୭/୮ ମାସ ଧରି ନେତାଙ୍କ ଛକାପଞ୍ଝା ଯୋଗୁଁ ଏଠି ଉନ୍ନୟନ ବ୍ୟାହତ ତ ହେଉଛି, ତେବେ ତା'ଠୁ ବଡ ଅସୁବିଧା ହେଉଛି ଖରାପ ରାସ୍ତା । ଯା ବାଦ୍ ରହଛି ଠିକାଦାରଙ୍କ ଅଭାବ, ନିର୍ମାଣ ସାମଗ୍ରୀର ଅଭାବ ଏବଂ ସ୍ଥାନୀୟ ଅନାଗ୍ରହ । ଏସବୁ କେତେକାଂଶରେ ସତ ଅବଶ୍ୟ ଥିଲା, କିନ୍ତୁ ସମାନ ପରିମାଣର ଅନାଗ୍ରହ/ଉଦାସୀନତା ପ୍ରଦର୍ଶନ କରୁଥିଲା ପ୍ରଶାସନ । ପିଡିଏସ୍ ଚାଉଳକୁ ବାଦ୍ ଦେଲେ ଏଠି ସବୁ କାମ ଠପ୍ ଥିଲା ।

ସରାମୁଲିରେ ବର୍ଷ ବର୍ଷ ଧରି ନିର୍ମାଣାଧୀନ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ପଞ୍ଚାୟତ ଗୋଦାମ ଘର ଅସମ୍ପୂର୍ଣ୍ଣ ରହିଥିଲା । ଇନ୍ଦିରା ଆବାସ ଘର କାଁ ଭାଁ ହେଉଥିଲା, ଫାର୍ମ ପଣ୍ଡ ଢେର କମ୍ ଖୋଳା ହେଉଥିଲା, କିନ୍ତୁ ମଧ୍ୟସ୍ଥଙ୍କୁ ହାତ କରି, ମିଛ ପୋଖରୀ, ମିଛ ଘର ଦେଖେଇ ଅର୍ଥ ଆତ୍ମସାତ୍ ହେବାର ଅଭିଯୋଗ ଆସୁଥିଲା ।



୧୬୧ : ଚିତ୍ର ଭିତରେ ଆକାର

ସରକାରୀ କାର୍ଯ୍ୟାନୁଷ୍ଠାନ ହେଉଥିଲା ସତ, କିନ୍ତୁ ଉନ୍ନୟନ ବାବଦରେ ଆସୁଥିବା କୋଟି କୋଟି ଟଙ୍କା ବ୍ଲକ୍‌ରେ ପଡି ରହୁଥିଲା । ସମୁଦାୟ ପରିସ୍ଥିତିକୁ ଅଧିକ ଗୋଳମାଳିଆ କରି ଦେଉଥିଲା ଭୂଗୋଳ । ପୁଣି ସଂଯୋଗକୁ ମାଓବାଦୀଙ୍କ ନାଁରେ ଏଠି ପତିଆରା କମାଇଥିଲେ କିଛି କୁଳି ନେତା । ଆଖପାଖ ଅଞ୍ଚଳରେ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଖୁବ୍ କମ୍ କାମ ହେଉଥିଲା ।

ଗାଁ ମୁଣ୍ଡରୁ ଦୂର ପାହାଡ ସବୁ ଏକଦମ୍ ଫୁଙ୍ଗୁଳା ଦେଖାଯାଉଥିଲେ । ପୋଡୁଚାଷ ପାଇଁ ଗଛ ସବୁ କଟା ସରିଥିଲା । ଡ୍ରାଇଭର କହିଲା, ଆଜ୍ଞା, ଖରାଦିନ ଆସିଗଲାଣି । ଆଉ କେଇଦିନ ପରେ ଜଙ୍ଗଲରେ ନିଆଁ ଲଗେଇ ଦିଆଯିବ । ଜଙ୍ଗଲ ଅଧିକାର ଆଇନରେ ସ୍ଥାନୀୟ ବାସିନ୍ଦାଙ୍କୁ ମିଳୁଥିବା ଜମି କଥା ମୁଁ କହିଲି । ବିଡିଓ କହିଲେ, ଜଙ୍ଗଲ ଅଧିକାର ବୋଇଲେ ଲୋକେ ଏଠି ଏୟା ବୁଝନ୍ତି ଯେ ସରକାରଙ୍କଠୁ ଜମି ପଟ୍ଟା ପାଇବାକୁ ହେଲେ ଯେତେ ଅଧିକ ସମ୍ଭବ ଘନ ଜଙ୍ଗଲ କାଟି ନଷ୍ଟ କରିବାକୁ ପଡିବ । ଜଙ୍ଗଲ ଅଧିକାର ଆଇନ ଆସିବା ପରେ ସ୍ଥାନୀୟ ବନ ସଂରକ୍ଷଣ ସମିତି ଅର୍ଥହୀନ ହୋଇପଡିଛି । ବିପଦର ସମ୍ମୁଖୀନ ହୋଇଛି ଅରଣ୍ୟ । ଡ୍ରାଇଭର କହିଲା, କାନ୍ଦୁଲ ଚାଷ ପାଇଁ ଦରକାର ପାହାଡିଆ ଢାଲୁ ଜମି । ଫସଲ ଅମଳ ଆଗରୁ ୨ ଥର ଡାଳ ସଫା କରି ଦେଇ ତେଣିକି ମାଙ୍କଡ ଜଗିବା କଥା ।

ପାଖ ଜଙ୍ଗଲ ସବୁ ପତଳା ହୋଇସାରିଥିଲା । ପତ୍ରଝଡ଼ା ଦେଉଥିଲେ ଗଛ । ବୁଟେଡିର ପୁରୁଷମାନେ ପ୍ରାୟ କେହି ଗାଁରେ ନଥିଲେ । ଯାଇଥିଲେ କାମକୁ, ନ ହେଲେ ନିଜ କାନ୍ଦୁଲ କିଆରୀକୁ । ଆମଠୁ ଅଳ୍ପ ଦୂରରେ ଦି'ଟା ଆମ୍ବ ଗଛରେ ବଉଳ ଖୁନ୍ଦି ହୋଇଥିଲା । ବଉଳର ମିଠା ବାସ୍ନା ଖେଳେଇ ହୋଇ ପଡ଼ିଥିଲା ଚାରିପାଖରେ । ଗୋଟାଏ ପ୍ରକାଣ୍ଡ ଶିମିଳିଗଛରେ ଲାଲଫୁଲଙ୍କ ମେଳରେ ଡିଆଁ ଡେଇଁ କରୁଥିଲେ ଦଳେ ପାତି ଶୁଆ । ସେତେବେଳକୁ ମାର୍ଦିପାଙ୍ଗୀଲୁ ପାଇଁ ଆଉ ଜଣେ ଚୁଆରୁ ପାଣି ଆଣି ସାରିଥିଲା । ଏବେ ସେ ସାମାନ୍ୟ ଆଶ୍ୱସ୍ତ ଜଣାପଡୁଥିଲା । ସମିତ୍ ପାଟିରେ ଆଙ୍ଗୁଠି ପୂରେଇ ଚୁଚୁମୁ ଥିଲା । ଅନ୍ୟମନସ୍କ ବି ଲାଗୁଥିଲା । ମୁଁ ଭଲ ଭାବରେ ତା ମୁହଁକୁ ଚାହିଁଲି । ବୟସ ତୁଳନାରେ ସେ ସାନ ଦେଖା ଯାଉଥିଲା । ସମିତ୍‌ର ଡାହାଣ ଆଖି ଅଧା ବନ୍ଦ ଥିଲା । ଜଣାପଡିଲା ଯେ, ୫/୬ ବର୍ଷ ଆଗରୁ ରୋଗରେ ତା'ର ଗୋଟାଏ ଆଖି ଅଧା ବନ୍ଦ ହୋଇ ରହିଛି । ସେ ଆଖିକୁ ଆଉ ଦେଖାଯାଉନି । ମଇଳା ସ୍କୁଲ ୟୁନିଫର୍ମ ପିନ୍ଧିଥିଲା ସମିତ୍ । ପଚାରିଲୁ ପାଠ ପଢୁଛୁ ? ପାଟିରୁ ଆଙ୍ଗୁଠି କାଢି ସମିତ୍ ଅନ୍ୟ ଆଡକୁ ଚାହିଁଲା । ଗାଁ ମଝିରେ ସବ୍‌ଷ୍ଟେସନ୍ ଥିଲା, ଯଦିଓ କୌଣସି ଗୋଟିଏ ବିପିଏଲ୍ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନଥିଲା । ଲାପ୍‌ଟପ୍ ଦେଖି ବିଡିଓ କହିଲେ ଯେ, ରାଜୀବ ଗାନ୍ଧୀ ବିଦ୍ୟୁତ୍ କରଣ ଯୋଜନାରେ ଏ ଗାଁକୁ ଆଂଶିକ ଭାବେ ବିଦ୍ୟୁତ୍ କରଣ କରାଯାଇଛି ବୋଲି ତଥ୍ୟ ଅଛି ।

ଏ ଅଞ୍ଚଳର ସମସ୍ୟା ବାବଦରେ କୌଣସି ଜନ ପ୍ରତିନିଧି ମଧ୍ୟ ମୁଣ୍ଡ ଖେଳାନ୍ତି ନାହିଁ । ବିଭିନ୍ନ ଯୋଜନା ବାବଦରେ ଥିବା ବକେୟା ଅର୍ଥ କାହିଁକି ଖର୍ଚ୍ଚ ହୋଇପାରୁନାହିଁ, ସେ ବାବଦରେ ତର୍ଜମା ନ କରି ସେମାନେ ବରାବର ନୂଆ କାମ ଯୋଗାଡରେ ଥାନ୍ତି । ଏଣେ ବଡ କାମ ପାଇଁ ଟେଣ୍ଡର ହେଲେ ଏଠି ଭଲ ଠିକାଦାର ମିଳନ୍ତି ନାହିଁ । ଯଦି ବାହାରୁ କେହି ଟେଣ୍ଡର ପକାଏ ଏବଂ କାମ ତାକୁ ମିଳେ, ତେବେ ମାଓ ଧମକ- ଚାନ୍ଦା ପାଇଁ କାମ ଅଧାରୁ ବନ୍ଦ ରହିଯାଏ । ଏଇ ନୈରାଶ୍ୟଜନକ ବାସ୍ତବତାରୁ ମୁକୁଳିବା ପାଇଁ ସହଜ ରାସ୍ତା ନଥିଲା । ଆବଶ୍ୟକୀୟ ଆନ୍ତରିକତା କାହା ତରଫରୁ ମିଳୁନଥିଲା । ହଁ, କୌଣସି ପ୍ରକାର ବଞ୍ଚି ରହିବା ପାଇଁ ଲୋକେ ନିଶାପରି ନିର୍ଭରଶୀଳ ହୋଇ ଉଠିଥିଲେ ଦି' ଟଙ୍କିଆ (ଏବେ ଏକ ଟଙ୍କାରେ) ଚାଉଳ ଉପରେ । ଚାଉଳ ନୀତି ଏ ଅଞ୍ଚଳରେ ଖାଦ୍ୟ ନିରାପତ୍ତା ଯୋଗାଉଛି ବୋଲି ଜଣେ ଯୁକ୍ତି ଅବଶ୍ୟ କରିପାରିବ । କିନ୍ତୁ ଏକଥା ବି ସତ ଯେ କାର୍ଡ ଚାଉଳ ଶ୍ରମଭିତ୍ତିକ ଯୋଜନା ପାଇଁ ସବୁଠୁ ବଡ ଶତ୍ରୁ ହୋଇ ଠିଆ ହୋଇଛି । ବିଡିଓ କହିଲେ, କେଇବର୍ଷ ଧରି ଜୀବନ ଏଠି ଗୋଟାଏ ଫର୍ମାଟ୍‌ରେ ପଡିଯାଇଛି, ଯାହାର ଭିତ୍ତିଭୂମି ହେଉଛି କାର୍ଡ: ବିପିଏଲ୍ କାର୍ଡ, ଏପିଏଲ୍ କାର୍ଡ, ପିଏଲ୍ ଓ କାର୍ଡ, ଅନ୍ତୋଦୟ କାର୍ଡ, ଅନ୍ନପୂର୍ଣ୍ଣା କାର୍ଡ, ଦଙ୍ଗା କାର୍ଡ । (ଦଙ୍ଗା କାର୍ଡ ଏବେ ବନ୍ଦ) ସମସ୍ତେ କୌଣସି ନା କୌଣସି କାର୍ଡ ହାତେଇବାକୁ ଚାହାନ୍ତି । ଚାଉଳ ଏମାନଙ୍କର ଭାଗ୍ୟ ବିଧାତା । ଡାଲି, ପନିପରିବା ନହେଲେ ଚଳିବ । ସଲପ ସହିତ ଭାତ ଆଉ ଲୁଣ ହେଲେ ହେଲା । ଆମ ପାଖରେ ଥିବା ପିଲାଙ୍କ ମୁହଁକୁ ଚାହିଁଲି । କେହି ଜଣେ ହେଲେ ସୁସ୍ଥ ଜଣା ପଡୁନଥିଲେ ।


ନିକଟରେ ଖବର କାଗଜରେ ଜଣେ ଲେଖିଥିଲେ ଯେ ଓଡିଶା ପରି ରାଜ୍ୟରେ ଦିନକୁ ଦିନ ସମୃଦ୍ଧ ହେଉଥିବା ବିପିଏଲ୍ ଚାଉଳ ଶିଳ୍ପ ୨ ଟି ପ୍ରମୁଖ ପରିବର୍ତ୍ତନ ଆଣିଛି । (୧) କିଛି ଅଯୋଗ୍ୟଙ୍କ ପାଇଁ (ଯେଉଁମାନେ ବିପିଏଲ୍‌ରୁ ପ୍ରକୃତରେ ବାଦ୍ ପଡିବା କଥା, ଅଥଚ ପଡିନାହାନ୍ତି ) ବର୍ଷତମାମ ତାସଖେଳ ଏବଂ ଯାବତୀୟ ଗୁଲି ଗପର ସୁବର୍ଣ୍ଣଯୁଗ ଆସିଯାଇଛି । ଏମାନଙ୍କପାଇଁ ଚାଉଳ ଆପଣା ରାଜନୈତିକ ଆନୁଗତ୍ୟ ନିମନ୍ତେ ଅତିରିକ୍ତ ବୋନସ୍ (୨) ଅନ୍ୟମାନେ ଚାଉଳ ଯୋଗୁଁ ଏକ ନୂଆ ରୋଗର ଶିକାର ହୋଇଛନ୍ତି , ସବ୍‌ସିଡି ରାଇସ୍ ଡିପେନ୍‌ଡାନ୍‌ସ ସିଣ୍ଡ୍ରୋମ । ଏ ରୋଗର ଲକ୍ଷଣ ଶ୍ରମବିମୁଖତା- ଆଳସ୍ୟ ଏବଂ ଖାଦ୍ୟ ନିରାପତ୍ତାରୁ ଉତ୍ପନ୍ନ ଅହେତୁକ ଆତ୍ମସନ୍ତୋଷ । ଠିକ୍ ବୁଡେଡି ବାସିନ୍ଦାଙ୍କ ପରି । ସରାମୁଳି ପରି । ଅର୍ଥଶାସ୍ତ୍ରୀମାନଙ୍କ ମତ ଯେ, ସବ୍‌ସିଡି ଚାଉଳ ପରୋକ୍ଷରେ ଏକ ବିଷଚକ୍ରର ସୂତ୍ରପାତ କରିଛି ।

ସନ୍ଧ୍ୟା ଆଗରୁ ଆମେ ଦାରିଙ୍ଗିବାଡି ଫେରି ଆସୁଥିଲୁ । ରାସ୍ତା ଶୂନ୍‌ଶାନ୍ ଥିଲା । ଠାଏ ବ୍ରେକ୍ ଦେବାକୁ କହିଲେ ବିଡିଓ । ଗତ ନଭେମ୍ବର ପହିଲାରେ ବ୍ଲକ୍‌କୁ ଫେରିବା ବାଟରେ ସେଇଠି ସେ ଭେଟିଥିଲେ ଖଟିଆ କାନ୍ଧେଇ ଯାଉଥିବା କିଛି ଲୋକଙ୍କୁ । ଜାଗାଟା

ଧୂସାରି ଗାଁ ଛକଠୁ ଟିକିଏ ଆଗରେ । ଖଟିଆରେ ଶୋଇଥିଲା ପୌଷ୍ଟିନ୍ ନାୟକ । ବୟସ ୪୦/୪୨ ହେବ । ଦେହରେ ଭୀଷଣ ଜ୍ୱର ଥିଲା । କଥା କହିବାର ଯୁ ନଥିଲା । ଖାଲି ନିଶ୍ୱାସ ଚାଲୁଥିଲା । ବାମୁଣି ଗାଁ କି ଗଦାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନଥାଇ ପାରନ୍ତି, ଏୟା ଭାବି ବିଡିଓ ନିଜ ଗାଡିରେ ପୌଷ୍ଟିନ୍ ନାୟକ ଏବଂ ତାଙ୍କ ର ୩ ଜଣ ସମ୍ପର୍କୀୟଙ୍କୁ ଦାରିଙ୍ଗିବାଡି ନେଇଯିବା ପାଇଁ ପ୍ରସ୍ତାବ ଦେଲେ । ତେବେ କିଛି ଲାଭ ହୋଇନଥିଲା । ମାତ୍ର ୨ କି.ମି ଆସିବା ଭିତରେ ପୌଷ୍ଟିନ୍ ଆଖିବୁଜି ଦେଇଥିଲା । ବାସ୍, ତେଣିକି କେବଳ ବାକି ରହିଥିଲା ସରକାରୀ ଭାବେ ପୌଷ୍ଟିନ୍‌ର ମୃତ୍ୟୁ ଘୋଷଣା ।

ବିଡିଓ ଏ କଥା କହୁଥିବା ବେଳେ ଗାଡି ଆଗେଇ ଚାଲିଥିଲା । କିଛି ବାଟ ଆସିବା ପରେ ନାକରେ ବାଜିଲା ମିଠା ବାସ୍ନା । ଡ୍ରାଇଭର ଟିକେ ଦୂରକୁ ହାତ ଦେଖେଇ କହିଲା, 'ମହୁଲ' । ବିଡିଓ କହିଲେ, ପୌଷ୍ଟିନ୍‌ର ମୃତ୍ୟୁ ଉପରାନ୍ତ ତାର ସ୍ତ୍ରୀ ଆଞ୍ଜେଲିନାକୁ ଜାତୀୟ ପରିବାର କଲ୍ୟାଣ ପାଣ୍ଠିରୁ ସାହାଯ୍ୟ ମିଳିସାରିଛି । 'ମୋ କୁଡିଆ'ରେ ଘର ବି ମିଳିବ । *

(ସମ୍ବାଦ, ମାର୍ଚ୍ଚ ୨୩, ୨୦୧୩)



୧୨୫ : ଚିତ୍ର ଭିତରେ ଆକାଶ